

## ମଧ୍ୟାହ୍ନ ଭୋଜନ ଖାଇ ଅସୁସ୍ଥ ଘଟଣା
# ଅରାଗଡ ବିଦ୍ୟାଳୟ ପରିଦର୍ଶନ କଲେ ବିଧାୟକ ସମେତ ବିଭିନ୍ନ ଦଳର ଜନପ୍ରତିନିଧି

ଡେଲାଙ୍ଗ,୨୯।୭ :(ମନ୍ଥନ) ଡେଲାଙ୍ଗ ବ୍ଲକର ଅରାଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୩୩ ଜଣ ଛାତ୍ର ଛାତ୍ରୀ ଅସୁସ୍ଥ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ବିଧାୟକ ଆଶ୍ରିତ ପଟ୍ଟନାୟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଗୁରୁତର ଅସୁସ୍ଥ ଛାତ୍ର ଛାତ୍ରୀଙ୍କୁ ଭେଟି ସ୍ୱାସ୍ଥ୍ୟ ସଂମ୍ପର୍କରେ ଡାକ୍ତର ଙ୍କୁ ପଚାରି ବୁଝିଥିଲେ । ମଙ୍ଗଳବାର ମଧ୍ୟାହ୍ନରେ ସ୍ଥାନୀୟ ବିଧାୟକ ଶ୍ରୀ ପଟ୍ଟନାୟକ ବିଦ୍ୟାଳୟରେ ପହଂଚି ରୋଷଗୃହ, ଶୌଚାଳୟ,ବିଭିନ୍ନ ଶ୍ରେଣୀଗୃହ ସହିତ ବିଦ୍ୟାଳୟ ପରିବେଶ ବୁଲି ଦେଖିଥିଲେ । ବିଦ୍ୟାଳୟ ଶିକ୍ଷକ,ପରିଚାଳନା କମିଟି ଓ ଅଭିଭାବକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ପିଲାଙ୍କୁ ନିମ୍ନ ମାନର ଖାଦ୍ୟ ପୂର୍ବ ରୁ ଦିଆ ଯାଉଥିବା ନେଇ ଅଭିଭାବକମାନେ ବିଧାୟକ ଙ୍କ ନିକଟରେ ଅଭିଯୋଗ କରିଥିଲେ । ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ ଖାଇବାକୁ ପିଲାମାନେ ନାପସନ୍ଦ କରୁଥିବାରୁ ଅଧିକାଂସ ପିଲା ବିଦ୍ୟାଳୟରେ ଖାଦ୍ୟ ଖାଉନଥିବା ଜଣାପଡିଛି । ଏହି ବଳକା ଖାଦ୍ୟ ସାମଗ୍ରୀ



ଗୁଡିକର ବାଟ ମାରଣା କରାଯାଉଥିବା ବିଧାୟକଙ୍କୁ ଅଭିଭାବକମାନେ ଅବଗତ କରିଥିଲେ । ବିଦ୍ୟାଳୟରେ ଭିନ୍ନକ୍ଷମ ଓ ବାଳିକା ମାନଙ୍କ ପାଇଁ ମୋଟ ୨ଟି ଶୌଚାଳୟ ରହିଛି । ବାଳକମାନଙ୍କ ଶୌଚ ନିମନ୍ତେ କୋଣସି ବ୍ୟବସ୍ଥା ନଥିବା ବେଳେ ରୋଷଗୃହ ନିକଟରେ ଥିବା ୩ଟି ଶୌଚାଳୟ ଦୀର୍ଘଦିନ ଧରି ଅର୍ଦ୍ଧଭଗ୍ନ ଅବସ୍ଥାରେ ପଡି ରହିଛି । ବିଦ୍ୟାଳୟରେ ପାନୀୟ ଜଳ, ଶୌଚାଳୟ ଅବ୍ୟବସ୍ଥା , ପରିସରରେ ପାଣି ଜମିବା, ପରିସର ଅନାବନା ଘାସ ଲତାରେ ପରିପୂର୍ଣ୍ଣ ହେବା ଆଦି ଅନେକ ସମସ୍ୟା ଉପରେ ଆଲୋଚନା ହୋଇଛି । ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଦେଖି ବିଧାୟକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଏବି ଇ ଓ ଙ୍କୁ ତାଗିଦ କରିଥିଲେ । ତୁରନ୍ତ ଏହି ସବୁ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଡେଲାଙ୍ଗ ଡାକ୍ତର ଖାନାରେ ଚିକିତ୍ସା ହୋଇଥିବା ୨୭ଜଣଙ୍କୁ ଛାତ୍ର ଛାତ୍ରୀ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବାବାରୁ ମଙ୍ଗଳାବାର ସକାଳୁ ଘରକୁ ଛଡାଯାଇଛି । ବିଧାୟକ ଙ୍କ ସମେତ ପୂର୍ବତନ ମଣ୍ଡଳ ସଭାପତି ଶ୍ୱେତକୁମାର ନାୟକ , ରାଜ୍ୟ ଯୁବମୋର୍ଚ୍ଚା ସଂମ୍ପାଦକ ବିଷ୍ଣୁଦତ୍ତ ବଡ଼ଜେନା, ପରିଚାଳନା କମିଟି ସଭାପତି ବିଜୟ ସାଷମଲ୍ଲ ଓ ଅଭିଭାବମାନେ ଉପସ୍ଥିତ ଥିଲେ । ସେହିପରି ଡେଲାଙ୍ଗ ବ୍ଲକ ଅଧକ୍ଷା ରମାଦେବୀ ରାଉତରାୟ, ପୂର୍ବତନ ସରପଂଚ ଦୁର୍ଗାଚରଣ ରାଉତରାୟ, ସ୍ଥାନିୟ ସରପଞ୍ଚ ରଜନୀ ସାଷମଲ୍ଲ , ଆମ ଆଦମୀ ପାର୍ଟିର ଲିଗାଲ ସେଲ୍ ରାଜ୍ୟ ସଭାପତି ସିଦ୍ଧାର୍ଥ ପରିଡା ପ୍ରମୁଖ ବିଦ୍ୟାଳୟର କ୍ଷେତ୍ରୀୟ ଅନୁସନ୍ଧାନ କରିଛନ୍ତି ।

# ଗୋଷ୍ଠି ଶିକ୍ଷା ଅଧିକାରୀ ମାନେ ଅଫିସ ରେ ବସି ବସି ପାଉଛନ୍ତି ଦରମା ଏହାକୁ ନେଇ ଅଭିଯୋଗ କଲେ ଅଂଚଳ ବାସୀ

ମାଲକାନଗିରି, ୨୯।୭ :(ମନ୍ଥନ) ଶିକ୍ଷା ବିଭାଗୀୟ ଅଧିକାରୀ ଙ୍କ ଅବହେଳା ଯୋଗୁଁ ଆଜି ଛାତ୍ର ଛାତ୍ରୀ ଙ୍କ ସମସ୍ୟା ବଢିବାରେ ଲାଗିଛି । ଯାହାକି ମାଲକାନଗିରି ଜିଲ୍ଲା ର ଚିତ୍ରକୋଣ୍ଡା, କରୁକୋଣ୍ଡା,କୁଡୁମୁଲୁ ଗୁମ୍ମା,ଖଇରୁ ପୁଟ ଏବଂ ମାଥିଲି ବ୍ଲକ ର ଗୋଷ୍ଠି ଶିକ୍ଷା ଅଧିକାରୀ ଏବଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ,ଏହି ଦୁଇ ପଦ ପଦବୀ ରେ ଥିବା ବାବୁ ତଥା ମ୍ୟାଡାମ ମାନେ ଅଫିସ ଚ୍ୟାମ୍ବର ରେ ବସି ପାଉଛନ୍ତି ଦରମା । ମାସରେ ଅନ୍ତତଃ ଥରେ ତ ଗୋଟାଏ ବିଦ୍ୟାଳୟ ପରିଦର୍ଶନ କରିବା କଥା ଯାହାକି ବିଦ୍ୟାଳୟ ସ୍ଥିତି କିପରି ଅଛି,ଛାତ୍ର ଛାତ୍ରୀ ମାନଙ୍କ ଖାଇବା କିପରି ଦିଆଯାଉଛି,କେଉଁ ବିଦ୍ୟାଳୟ ରେ କିପରି ପାଠ ପଢ଼ାଯାଉଛି,ଶିକ୍ଷାର ଅଗ୍ରଗତି କିପରି ହେଉଛି ନା ନାହିଁ,ଏସବୁ କୁ ନେଇ ତଦାରଖ କରିବା କୁ ନେଇ ଜନସାଧାରଣ ଙ୍କ ଅଭିଯୋଗ । ଯାହାକି ଏମିତି ସବୁଦିନ ଶିକ୍ଷକ ଶିକ୍ଷୟତ୍ରୀ ଆସୁଥିଲେ କଣ ଅଛି,ଏମିତି ଆସିବେ ଯିବେ ତାଙ୍କ ଡିୟୁଟି ସେ କରିବେ,ହେଲେ ପିଲାମାନେ କିପରି ଶିକ୍ଷା ପ୍ରତି ଆଗ୍ରହ ହେଲେଣି ସ୍ଥିତି ପରଖିବେ କିଏ,ଏହି ବାବୁ ମାନେ ଲକ୍ଷା ଧିକ ଟଙ୍କା ପାଉଛନ୍ତି ଆଉ ଗୋଡ଼ ଉପରେ ଗୋଡ଼ ଲଦି ଆରାମ ଚେୟାର ରେ ବସି ଘୁଙ୍ଗୁଡ ମାରିମାରି ନିଦ ଭାଙ୍ଗୁନି । ତେବେ ଏହି ପରି ଅଫିସର ବାବୁ ମାନଙ୍କ ମନ ମୁଖି କାର୍ଯ୍ୟ କୋଳାପ ହେଲେ କିପରି ଶିକ୍ଷା ର ଅଗ୍ରଗତି ହେବ । ଆଦିବାସୀ ଅଦ୍ୟୁଷିତ ଅଂଚଳ, ସ୍ୱାଭିମାନ ଅଂଚଳ ଏବଂ ବିଛିନ୍ନା ଅଂଚଳ ର ଛାତ୍ର ଛାତ୍ରୀ କିପରି ଶିକ୍ଷା ପାଉଛନ୍ତି ତାର ସ୍ଥିତି ଅନୁଧାନ




କରାଯାଉ । ପିଲାଙ୍କ ଭବିଷ୍ୟତ ପାଇଁ ନିହାତି ଘାଟି ହେଉ ବା ସମତଳ ହେଉ ପ୍ରତେକ ବିଦ୍ୟାଳୟକୁ ପ୍ରତି ମାସରେ ଥରେ ପରିଦର୍ଶନ କରିବାକୁ ଛାତ୍ର ଛାତ୍ରୀ ଙ୍କ ଅବିଭାବକ ତଥା ଜନସାଧାରଣ ଙ୍କ ଅଭିଯୋଗ କ୍ଷ ଯଦି ଓ ବା କେବେ କେଉଁ ବିଭାଗୀୟ ମନ୍ତ୍ରୀ ଆସନ୍ତି ତା ହେଲେ ସଙ୍ଗେ ସଙ୍ଗେ କିଛି କର୍ମଚାରି ପାଖେ ପାଖେ ହୋଇ ସତେ ଯେମିତି ପୁରା ସୋଛ ରେ ଚାଲିଛି ଶିକ୍ଷାନୁଷ୍ଠାନ ଭାବି ହୁଅନ୍ତି,କିନ୍ତୁ କେତେକ କିଛି ଘାଟି ସ୍ଥାନରେ ଯେଉଁ ବିଦ୍ୟାଳୟ ଗୁଡିକ ରହିଛି ସେହି ସ୍ଥାନରେ ଆଜି ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ ଙ୍କ ପାଦ ପଡିନାହିଁ ।ଏପଟେ ପିଲା କେଉଁଠି ପାଠ ପଢୁଛନ୍ତି କିପରି ସ୍ଥିତି ପରଖନ୍ତି ନାହିଁ । ତାକୁ ନେଇ ପରିଦର୍ଶନ କରିବାକୁ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ତଥା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବାବୁ ମାନେ ଆଗାମୀ ଦିନରେ ପ୍ରତେକ ବିଦ୍ୟାଳୟ ଗୁଡିକ ରେ ମାସକୁ ଗୋଟିଏ ଦିନ ଆସନ୍ତୁ । ତେବେ ସବୁ କିଛି ଅନୁଧ୍ୟାନ ପାଇପାରିବା ସହ ଶିକ୍ଷା ଅଗ୍ରଗତି ପାଇଁ କାର୍ଯ୍ୟରେ ଆସିବ କ୍ଷ ନଚେତ ଆଗାମୀ ଦିନରେ ତାରିଖ ଧାର୍ଯ୍ୟ କରି ଏହି ବାବୁ ମାନଙ୍କ ପ୍ରତି ଘୁର ବିରୋଧ କୋରି ଜିଲ୍ଲା ପାଳଙ୍କ ନିକଟରେ କାର୍ଯ୍ୟନୁଷ୍ଠାନ ଅଭିଯୋଗ ଦାଖଲ କରାଯିବା ସହ, ବ୍ଲକ ଶିକ୍ଷା ଅଧିକାରୀ ଅଫିସ ଘେରାଓ କରିବାକୁ ପଛେଇବୁନାହିଁ ବୋଲି ଛାତ୍ର ଛାତ୍ରୀ ଙ୍କ ଅବିଭାବକ ଏବଂ ଏହି ଅଂଚଳ ର ବୃଦ୍ଧିଜୀବୀ ଙ୍କ ଅଭିଯୋଗ । କାହିଁକି ନା ଶିକ୍ଷାର ଅଗ୍ରଗତି ହେଲେ ଆମ ପିଲା ମାନଙ୍କ ଭୋବିଷ୍ୟତ ଏବଂ ଆମ ଅଂଚଳ ର ଭବିଷ୍ୟତ ର ବିକାଶ ବୋଲି ଜନସାଧାରଣ କହିଛନ୍ତି ।

# ମଙ୍ଗଳା ମହାବିଦ୍ୟାଳୟ ରେ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

କାକଟପୁର,୨୯।୭ :(ମନ୍ଥନ)କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ସଂଗ୍ରାମ ଛାଟୋଇଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ମଙ୍ଗଳା ମହାବିଦ୍ୟାଳୟର ଅଧକ୍ଷ ପଦବୀ ପାଇଁ ନିଯୁକ୍ତି ନେଇ ଲାଗିରହିଥିବା ବିବାଦ ର ଅବସାନ ଘଟିଛି । ମହାବିଦ୍ୟାଳୟ ରେ ନିଯୁକ୍ତି ଥିବା ପୂର୍ବତନ ଅଧକ୍ଷ ଗହର ଆବେଦିନ ଙ୍କୁ ଗତ କିଛି ଦିନ ହେବ କୋଣାର୍କ ଭଗବତୀ ମହାବିଦ୍ୟାଳୟ କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଏଠାରେ ସ୍ଥାୟୀ ଅଧକ୍ଷ ପଦ ଖାଲି ପଡିଥିଲା । ତେବେ ପୁରୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୨୦/୭/୨୬ ରିଖ ଚିଠି ସଂଖ୍ୟା ୭୨୭୭ ରେ ମହାବିଦ୍ୟାଳୟ ର ବରିଷ୍ଠ ରିଡର ଡ଼ ସଂଗ୍ରାମ ଛାଟୋଇଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । କଲେଜ ର ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଡ଼ ଛାଟୋଇ ଙ୍କୁ



ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି । ଏ ସମ୍ପର୍କ ରେ ଦାୟିତ୍ୱ ନେଇଥିବା ରିଡର ଡ଼ ଛାଟୋଇ ଙ୍କୁ ପଚାରିବାରେ ସେ ମଙ୍ଗଳା ମହାବିଦ୍ୟାଳୟ ର ଗୌରବ ଓ ଶୈକ୍ଷିକ ବାତାବରଣ ଫେରେଇ ଆଣିବା ସହିତ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ଉଦ୍ୟମ ଆଣିବେ ବୋଲି ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଥିଲେ ।

# ସ୍ୱାଧୀନତାର ୭୯ ବର୍ଷ ପରେ ବି ରାଢୁଅ ଗ୍ରାମ ଅବହେଳିତ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଫେଂରାଦ ହେଲେ ଗ୍ରାମବାସୀ

ଡେଲାଙ୍ଗ,୨୯।୭ :(ମନ୍ଥନ)ଡେଲାଙ୍ଗ ବ୍ଲକ୍ କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ରାଢୁଅ ଗ୍ରାମ ସ୍ୱାଧୀନତାର ୭୯ ବର୍ଷ ବିତିଯାଇଥିଲେ ହେଁ ଅଦ୍ୟାବଧି ଅବହେଳିତ ଓ ନିଷ୍ପ ?ସିତ ଅବସ୍ଥାରେ ଥିବା ନେଇ ଗ୍ରାମବାସୀମାନେ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏପରିକି ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି ।ରାଢୁଅ ଗ୍ରାମବାସୀ ସମାଜସେବୀ ଡଃ ବିଶ୍ୱରଞ୍ଜନ ଜେନା ଓ ରମେଶ ଜେନାଙ୍କ ଆବାହକତ୍ୱ ତଥା ନେତୃତ୍ୱରେ ୩୭ ଜଣ ଗ୍ରାମବାସୀ ଗ୍ରାମର ବିଭିନ୍ନ ସମସ୍ୟା ସମ୍ବଳିତ ଏକ ଦାବିପତ୍ର ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି ।ପ୍ରାପ୍ତ ସୂଚନା ଅନୁଯାୟୀ,ସ୍ୱାଧୀନତାର ୭୯ ବର୍ଷ ପରେ ମଧ ରାଢୁଅ ଗ୍ରାମବାସୀ ଅବହେଳିତ ଓ ନିଷ୍ପ ?ସିତ ଅବସ୍ଥାରେ ଜୀବନ ଯାପନ କରୁଥିବାବେଳେ ରାଜ୍ୟ ଶାସନରେ ଥିବା ବିଭିନ୍ନ ରାଜନୈତିକ ଦଳ ଓ ସ୍ଥାନୀୟ ଲୋକ ପ୍ରତିନିଧି କେବଳ ଦେଖଣାହାରୀ ତଥା ସବୁ



ଜାଣି ଅଜଣା ଭଳି ନିଦାବିଷ୍ଟ ସାଜିଥିବା ନେଇ ଗ୍ରାମବାସୀ ଆରୋପ କରିଛନ୍ତି ।ଅଭିଯୋଗ ଅନୁଯାୟୀ, ମୁଖ୍ୟତଃ କଲ୍ୟାଣପୁର ପଞ୍ଚାୟତର ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିବାବେଳେ ରାଢୁଅ ଗ୍ରାମବାସୀ ପାଣି ମୁନ୍ଦେ ପାଇବାରୁ ବଞ୍ଚିତ ହେଉଥିବା ନେଇ ଗ୍ରାମବାସୀ ସାଙ୍ଘାତିକ ଅଭିଯୋଗ କରିଛନ୍ତି ।ଗ୍ରାମରେ ପାନୀୟ ଜଳ ପାଇଁ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇଥିଲେ ମଧ ଏଥିରେ ପାଣି ଆସୁନାହିଁ ।ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ ।ସେହିପରି ଗ୍ରାମର ଅଧିକାଂଶ ଲୋକେ ଚାଷ ତଥା କୃଷି ଉପରେ ନିର୍ଭର କରୁଥିବାବେଳେ ଜଳସେଚନର ସୁବିଧା ନାହିଁ ।ଗ୍ରାମରେ କେନାଲ ଥିଲେ ମଧ ଏଥିରେ ପାଣି ଆସୁନାହିଁ ।ରାଢୁଅ ଛକଠାରୁ ଶିଶୁଆପଡ଼ା ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି ।ଏହି ରାସ୍ତା ଦେଇ ନୈଦିନ ବେଆଇନ୍ ଭାବେ ୫୦ ରୁ ୬୦ ଟି ଟ୍ରାକ୍ଟର ଏବଂ ହାଇୱା ଗାଡ଼ି ବାଲି, ଗୋଡ଼ି ବୋଝେଇ କରି ଯାତାୟାତ କରୁଥିବାରୁ ଦିନକୁ ଦିନ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି । ରାସ୍ତାରେ ଯାତାୟାତ କରୁଥିବା ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସମେତ ପଥଚାରୀମାନେ ସେମାନଙ୍କ ଜୀବନକୁ ନିରାପଦ ମଣୁ ନ ଥିବା ଅଭିଯୋଗ ହେଉଛି ।ଏପରିକି ଏହି ରାସ୍ତା ନିମ୍ନ ମାନର କାମ ଯୋଗୁଁ ମରଣଯନ୍ତା ପାଲଟିଛି ।ଗ୍ରାମ ପୋଖରୀ ଓ ଗଡିଆରେ ଦଳ ଭର୍ତ୍ତି ହେବା ଯୋଗୁଁ ଏହା ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିଛି ।ଏହାଦ୍ୱାରା ପ୍ରତିବର୍ଷ ଗ୍ରାମରେ ହଇଜା ଓ ଚର୍ମ ରୋଗ ବ୍ୟାପୁଥିବା ନେଇ ଗ୍ରାମବାସୀ ଆରୋପ କରିଛନ୍ତି ।ଏଣୁ ତୁରନ୍ତ ଗ୍ରାମବାସୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ସହ ଅନ୍ୟାନ୍ୟ ସମସ୍ତ ସମସ୍ୟାର ସମାଧାନ କରିବାକୁ ରାଢୁଅ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

# ଯାଜପୁର, କେନ୍ଦ୍ରୀୟ ପରୀକ୍ଷାଗାର ଉଦ୍‌ଘାଟିତ

ଯାଜପୁର,୨୯।୭ :(ମନ୍ଥନ) ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ (ଏମ୍‌ଜେକେ,ମ୍‌ସିଏଚ୍), ଯାଜପୁରର କେନ୍ଦ୍ରୀୟ ପରୀକ୍ଷାଗାର (ସେଂଟ୍ରାଲ ଲାବୋରୋଟୋରୀ) କୁ ଆଜି ସକାଳ ୯.୩୦ ଘଟିକାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଯାଜପୁର ଅମ୍ବର କୁମାର କର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ଼ଃ ଜାମି ସାଗର ପୃଷ୍ଟି, ଅଧୀକ୍ଷକ, ଏମ୍‌ଜେକେ,ମ୍‌ସିଏଚ୍; ଡ଼ଃ ନଗେନ୍ଦ୍ର ନାଥ ମହାପାତ୍ର, ସିଡିଏମ୍ ଓ ପିଏଚଓ, ଯାଜପୁର, ଡ଼ଃ ମନୋଜ କୁମାର ସେନାପତି, ଡିଏମ୍‌ଓ-କମ୍-ମେଡିକାଲ ସୁପରିଟେଣ୍ଡେଂଟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର, ଡ଼ଃ ସୁଜିତ କୁମାର ସ୍ୱାଇଁ, ପାଥୋଲୋଜି ବିଶେଷଜ୍ଞ, ପ୍ରଫେସର ରାକେଶ କୁମାର ପଣ୍ଡା, ବିଭାଗୀୟ ମୁଖ୍ୟ, ମାଇକ୍ରୋବାୟୋଲୋଜି, ପ୍ରଫେସର ପ୍ରଣତି ପ୍ରଧାନ, ବିଭାଗୀୟ ମୁଖ୍ୟ, ପାଥୋଲୋଜି; ପ୍ରଫେସର ପ୍ରଜ୍ଞାନ ପ୍ରିୟଦର୍ଶିନୀ ଦାସ, ବାୟୋକେମିଷ୍ଟ୍ରି ବିଭାଗ; ସମସ୍ତ କ୍ଲିନିକାଲ ବିଭାଗର ମୁଖ୍ୟ, ହସ୍ପିଟାଲ ମ୍ୟାନେଜର, ସେକ୍ସନ ଅଫିସର, ଆକାଉଂଟସ୍ ଅଫିସର, ଲାବୋରେଟୋରି ଟେକ୍ନିକାଲ ଅଫିସର, ଲାବୋରେଟୋରି ଟେକ୍ନିସିଆନ୍ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି କେନ୍ଦ୍ରୀୟ ପରୀକ୍ଷାଗାର ମାଧ୍ୟମରେ ରୋଗୀମାନଙ୍କୁ ଉନ୍ନତମାନର ରୋଗ ନିର୍ଣ୍ଣୟ ସେବା ଏକ ସ୍ଥାନରେ ଉପଲବ୍ଧ ହେବ, ଯାହା ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବ । ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି କେନ୍ଦ୍ରୀୟ ପରୀକ୍ଷାଗାରରେ ରୋଗୀମାନଙ୍କ ପାଇଁ ସମସ୍ତ ଦିବସରେ ସେବା ଉପଲବ୍ଧ ରହିବ । ନମୁନା ସଂଗ୍ରହ ସମୟ ସକାଳ ୮.୩୦ ଘଟିକାରୁ ଦିନ ୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ପରୀକ୍ଷା ରିପୋର୍ଟ ବିତରଣ ସମୟ ଅପରାହ୍ନ ୩.୦୦ ଘଟିକାରୁ ୪.୦୦ ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି । ଏହି କେନ୍ଦ୍ରୀୟ ପରୀକ୍ଷାଗାରର ଶୁଭାରମ୍ଭ ଏମ୍‌ଜେକେ,ମ୍‌ସିଏଚ୍, ଯାଜପୁରର ସ୍ୱାସ୍ଥ୍ୟସେବା ଭିତିଭୂମିକୁ ଆହୁରି ସୁଦୃଢ଼ କରିବା ସହିତ ଜିଲ୍ଲାବାସୀଙ୍କୁ ଗୁଣାତ୍ମକ ଓ ସମୟୋପଯୋଗୀ ରୋଗ ନିର୍ଣ୍ଣୟ ସେବା ପ୍ରଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# କରିଲୋପାଟଣା ମହାବିଦ୍ୟାଳୟ ନୂତନ ଅଧକ୍ଷଙ୍କୁ ସ୍ୱାଗତ

କେନ୍ଦ୍ରାପଡ଼ା,୨୯।୭ :(ମନ୍ଥନ)କରିଲୋପାଟଣା ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ପ୍ରଫେସର ସୁବ୍ରତ ନାୟକ ଯୋଗଦେଇଛନ୍ତି । ନୂତନ ଅଧକ୍ଷ ପ୍ରଫେସର ନାୟକଙ୍କୁ ଉତ୍ସୋସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କଲେଜର ପ୍ରତିଷ୍ଠାତା ସମାଜସେବୀ କେଦାରନାଥ ସାମନ୍ତରାୟଙ୍କ ନେତୃତ୍ୱରେ କରିଲୋପାଟଣା ଗ୍ରାମପଞ୍ଚାୟତର ପ୍ରତିନିଧି ଅନ୍ନଦା ପ୍ରସାଦ ତ୍ରିପାଠୀ, ପୂର୍ବତନ ସରପଞ୍ଚ ସୁକାନ୍ତ ସାହୁ, ସମାଜସେବୀ ଦେବେନ୍ଦ୍ର କୁମାର ଦାସ, ଯୁବ ସମାଜସେବୀ ତପନ କୁମାର ରାଉତ, ସଞ୍ଜିବ ମଙ୍ଗରାଜ, ନିରଞ୍ଜନ ସାମଲ, ପି ୍ ଦାସ ପ୍ରମୁଖ ବହୁ ଶୁଭେଚ୍ଛୁ ନୂତନ ଅଧକ୍ଷ ପ୍ରଫେସର ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏଥିସହିତ ମହାବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ଓ



ଶିକ୍ଷାଦାନ କ୍ଷେତ୍ରରେ ଗୁରୁତ୍ୱାରୋପ କରିବାକୁ ଅଧକ୍ଷଙ୍କୁ ନିବେଦନ କରିଥିଲେ । କଲେଜର ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ଅଧକ୍ଷ ଅଗ୍ରାଧିକାର ଦେବେ ବୋଲି ପ୍ରତିଶୃତି ଦେଇଥିଲେ ।

# ଆଖୁଆପଦା, ବଲ୍ଲଭିଘାଟ ଓ ଦଶରଥପୁରରେ ବିପଦ ସଙ୍କେତ ଉପରେ ବୈତରଣୀ ଜଳସ୍ତର

ଯାଜପୁର,୨୯।୭ :(ମନ୍ଥନ)ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବୈତରଣୀରେ ଦ୍ୱିତୀୟ ବନ୍ୟା । ଆଖୁଆପଦା, ବଲ୍ଲଭିଘାଟ ଓ ଦଶରଥପୁରରେ ବିପଦ ସଙ୍କେତ ଉପରେ ବୈତରଣୀ ଜଳସ୍ତର । ଆଖୁଆପଦାଠାରେ ବିପଦ ସଂକେତ ୧୮.୩୩ ମି ଥିବା ବେଳେ ବର୍ତ୍ତମାନ ୨୦.୩୪ମି ରେ ବନ୍ୟା ଜଳ ପ୍ରବାହିତ ହେଉଛି । ଯାଜପୁର , କୋରେଇ ଓ ଦଶରଥପୁର ବ୍ଲକ ବିଶେଷ ଭାବେ ପ୍ରଭାବିତ । ଦଶରଥପୁର ବ୍ଲକ ଜୟନ୍ତରାରେ ସୁଇଚ ଗେଟ ପାଇଁ ନିର୍ମାଣଧୀନ ବନ୍ଧ ଗତକାଲି ରାତିରେ ଭାଙ୍ଗିଯାଇ ଅନେକ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିଛି । ଯାଜପୁର-ଛତ୍ରାର ରାସ୍ତାର ପଣସା ନିକଟରେ ଚାଲିଛି ୩ଫୁଟର ପାଣି । ଫଳରେ ଯାଜପୁର ଭଦ୍ରକ ଯୋଗାଯୋଗ ବିଛିନ୍ନ ହୋଇଛି । ଦଶରଥପୁର ବ୍ଲକର ୧୦ଟି ପଂଚାୟତର ୫୦ରୁ ଉର୍ଦ୍ଧ୍ୱ ପଂଚାୟତରେ ବନ୍ୟାଜଳ ପ୍ରବେଶ କରିଛି । ଅନେକ ଅଂଚଳରେ ଲୋକେ ଜଳବନ୍ଦୀ । ନଦୀକୂଳିଆ ଲୋକେ ଏହି ବନ୍ୟା କୁ ନେଇ ଭୟଭୀତ ହେଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ ନଦୀ କୂଳିଆ ଅଂଚଳରେ ମାଇକିଙ୍ଗ କରାଯିବା ସହ ତଳିଆ ଅଂଚଳବାସୀଙ୍କୁ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି । ସେପଟେ ଯାଜପୁର ଜିଲ୍ଲାପାଳ ଏକ ପ୍ରେସ ବିବୃତିରେ ଯାଜପୁର ରେ ବନ୍ୟା ସ୍ଥିତି ନେଇ ସୂଚନା ଦେଲେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର । ବୈତରଣୀରେ ବନ୍ୟା ଫଳରେ ଜିଲ୍ଲାର ୪ଗୋଟି ବ୍ଲକ ପ୍ରଭାବିତ ହୋଇଥିବା ବେଳେ ବିଶେଷକରି ଦଶରଥପୁର ଓ ଯାଜପୁର ବ୍ଲକ ଅଧିକ ପ୍ରଭାବିତ ହୋଇଛି । ଏଯାଏ ଜିଲ୍ଲାରେ ଘାଇ ହୋଇ ନଥିବା ବେଳେ ଦଶରଥପୁର ର ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ନଦୀବନ୍ଧ ଉପର ଦେଇ ବନ୍ୟା ଜଳ ଗ୍ରାମରେ ପ୍ରବେଶ କରିଛି ।୨୦ ଟି ଆଶ୍ରୟସ୍ଥଳରେ ବନ୍ୟା ପୀଡିତ ମାନଙ୍କୁ ରଖା ଯାଇଥିବା ବେଳେ ୪୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ମହଜୁଦ ଥିବା ବେଳେ ବନ୍ୟା ମୁକାବିଲା ପାଇଁ ଜିଲ୍ଲାରେ ୪ଟି ଓଡ୍ରାଫ ଟିମ ଓ ଗୋଟିଏ ଏନଡିଆରଅଫ ଟିମ ମୁତୟନ ହୋଇଥିବା ସୂଚନା ଦେଇଛନ୍ତି ଜିଲାପାଳ ।

# ଖରିଫ-୨୦୨୬ କୃଷି ରଣନୀତି ବୈଠକ ଅନୁଷ୍ଠିତ

ଅନୁଗୋଳ,୨୯।୭ :(ମନ୍ଥନ) ଅନୁଗୋଳ ଜିଲ୍ଲାର ଖରିଫ-୨୦୨୬ ବର୍ଷ ପାଇଁ କୃଷି ରଣନୀତି ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତରଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଖରିଫ ଋତୁରେ ଧାନ ଓ ଅଣଧାନ ଫସଲ ଚାଷ, ବିହନ ବିତରଣ, ଜଳସେଚନ, ରାସାୟନିକ ସାରର ସ୍ୱଚ୍ଛ ବଣ୍ଟନ, କୃଷକ ସଶକ୍ତିକରଣର ବିଭିନ୍ନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ଅନୁଗୋଳ ଜିଲ୍ଲାରେ ମୋଟ ୧,୪୫,୧୦୦ ହେକ୍ଟର ଜମିରେ ଧାନ ଓ ଅଣଧାନ ଫସଲ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ



ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଉପ-ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମ୍ବର ଲୁଗୁନ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ରଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ତଥା ବ୍ଲକ ସ୍ତରୀୟ ଅଧିକାରୀଗଣ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିନୋଦ କୁମାର ଦଳାଇ ପରିଚାଳନା କରିଥିଲେ ।

# ୮୦ ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ,୨୯।୭ :(ମନ୍ଥନ)ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସକୁ ପୂର୍ବ ବର୍ଷ ଗୁଡିକ ଭଳିମହାସମାରୋହରେ ପାଳନ କରାଯିବା ନିମନ୍ତେ ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତଜିଲ୍ଲାପାଳ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ଏହି ଉତ୍ସବକୁ ମହାସମାରୋହରେ ପାଳନ କରିବାପାଇଁ ଉପସ୍ଥିତ ଥିବା ସମସ୍ତ ସଦସ୍ୟା ଓ ସଦସ୍ୟମାନଙ୍କୁ ଅଧକ୍ଷ ସମ୍ବୋଧନ କରିବା ସହ ସମସ୍ତଙ୍କର ସହଯୋଗ କାମନାକରିଥିଲେ । ବୈଠକରେ ହୋଇଥିବା ନିଷ୍ପତ୍ତ ଅନୁସାରେ ସ୍ୱାଧିନତା ଦିବସର ପ୍ରତ୍ୟୁଷରୁ ସହରରେ ଡାକବାଜୀ ଯନ୍ତ୍ରଯୋଗେ ରାମଧୁନ ପରିବେଷଣ କରାଯିବ । ପୂର୍ବାହ୍ନ ୬ ଘଟିକାରେ ପ୍ରଭାତ ଫେରୀ, ୭ ଘଟିକା ୩୦ ମିନିଟ୍ ସମୟରେସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଘରୋଇ କୋଠାବାଡିରେ ଜାତୀୟ ପତାକା ଉତ୍ତୋଳନ



କରାଯିବ ।ପୂର୍ବାହ୍ନ ୯ ଘଟିକା ୧୫ ମିନିଟ୍ ସମୟରେ ପିଟିସି ପଡିଆ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଜାତୀୟ ପତାକାଉତ୍ତୋଳନ କରାଯିବ । ଏହି ଦିବସ ଉପଲକ୍ଷେ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲିବୈଠକରେ ସ୍ଥିର କରାଗଲା । ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ସେହିପରି ଗତ ସି ବି ଏସ୍ ଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଉତ୍ତୀର୍ଣ୍ଣ ହୋଇଥିବା ଜଣେ ଛାତ୍ର ଓ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର କରାଗଲା । ପି ଟି ସି ପଡିଆ ଠାରେଅଗଷ୍ଟ ୧୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ ପରେଡ ଅନୁଷ୍ଠିତ ହେବ । ଉତ୍ସବ ଦିନ ସନ୍ଧ୍ୟା ସମୟରେସ୍ଥାନୀୟ ସଭାଘର ଠାରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିରିକୃତହୋଇଛି । ଉତ୍ସବ ଦିବସ ସହ ଜଡିତ ବିଭିନ୍ନ ଅନୁଷ୍ଠାନଙ୍କବିଭାଗ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସଭା ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀସନସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଶ୍ରୀ ରାଜିବଲୋଚନ ପଣ୍ଡା, ଡେପୁଟୀ କଲେକ୍ଟର ଶ୍ରୀ ଜୟଜିତ ଧଳ, ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ରମାକାନ୍ତ ମହାଳିକ,ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ସତ୍ୟ ପ୍ରକାଶ ତ୍ରିପାଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାରସିଠ, ଉପ- ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମର ଲୁଗୁନ୍, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦୁଃଶାସନ ନାଏକଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧୁକାରୀ, ଶିକ୍ଷ ସଂସ୍ଥାମାନଙ୍କର ପ୍ରତିନି, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବି, ଶିକ୍ଷକ ଶିକ୍ଷୟିତ୍ରୀ,ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

ଗୁରୁବାର ୩୦ ଜୁଲାଇ, ୨୦୨୬, ଭୁବନେଶ୍ୱର
Thursday 30 july, 2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ଗଣତନ୍ତ୍ରରେ ଜନଶକ୍ତିର ସର୍ବୋଚ୍ଚ ଆୟୁଧ

ରିକଲ୍ କରିବାର ଅଧିକାର ବା ଜନପ୍ରତିନିଧିଙ୍କୁ ଫେରାଇ ଆଣିବାର ଅଧିକାର ହେଉଛି ଗଣତନ୍ତ୍ରର ଏକ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଶକ୍ତିଶାଳୀ ଆୟୁଧ ଯାହା ନିର୍ବାଚିତ ପ୍ରତିନିଧିମାନଙ୍କୁ ସେମାନଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ପଦରୁ ହଟାଇବା ପାଇଁ ଭୋଟରମାନଙ୍କୁ ଆଇନଗତ କ୍ଷମତା ପ୍ରଦାନ କରିଥାଏ। ସାଧାରଣତଃ ପ୍ରଚଳିତ ଗଣତାନ୍ତ୍ରୀକ ବ୍ୟବସ୍ଥାରେ ଜନସାଧାରଣ କେବଳ ନିର୍ବାଚନ ସମୟରେ ହିଁ ନିଜର ମତାଧିକାର ସାବ୍ୟସ୍ତ କରି ପ୍ରତିନିଧି ଚୟନ କରିଥାନ୍ତି ଏବଂ ଥରେ ପ୍ରତିନିଧି ନିର୍ବାଚିତ ହୋଇଯିବା ପରେ ପାଂଚ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟକଳାପ ଉପରେ ଜନସାଧାରଣଙ୍କର କୌଣସି ପ୍ରତ୍ୟକ୍ଷ ନିୟନ୍ତ୍ରଣ ରହିନଥାଏ ଯାହା ଫଳରେ ଅନେକ ସମୟରେ ନିର୍ବାଚିତ ପ୍ରତିନିଧିମାନେ ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଅବହେଳା କରିବା ସହ ଦୁର୍ନୀତି ଏବଂ ସ୍ୱେଚ୍ଛାଚାରିତାରେ ଲିପ୍ତ ହୋଇପଡନ୍ତି। ଏହି ସମସ୍ୟାର ସମାଧାନ ପାଇଁ ରିକଲ୍ ବା ଫେରାଇ ଆଣିବାର ଅଧିକାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ଉଭା ହୋଇଛି ଯାହା ଜନତାଙ୍କୁ ପ୍ରକୃତ କ୍ଷମତାର ଅଧିକାରୀ କରିଥାଏ ଏବଂ ଜନପ୍ରତିନିଧିଙ୍କ ମନରେ ସଦାସର୍ବଦା ଏକ ଭୟ ତଥା ଜବାବଦେହିତା ସୃଷ୍ଟି କରିଥାଏ। ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରୀକ ଦେଶରେ ଯେଉଁଠାରେ ରାଜନୈତିକ ଅପରାଧୀକରଣ ଏବଂ ଦୁର୍ନୀତି ଏକ ପ୍ରମୁଖ ସମସ୍ୟା ପାଲଟିଛି ସେଠାରେ ଏହି ଅଧିକାରର ପ୍ରାସଙ୍ଗିକତା ଅତ୍ୟନ୍ତ ଅଧିକ ବୋଲି ବହୁ ଚିନ୍ତାଶୀଳ ବ୍ୟକ୍ତି ଓ ସମାଜ ସଂସ୍କାରକ ମତ ପ୍ରକାଶ କରିଆସିଛନ୍ତି। ଯଦିଓ ବର୍ତ୍ତମାନ ଭାରତରେ ସାଂସଦ ବା ବିଧାୟକ ସ୍ତରରେ ଏହି ଆଇନ ପ୍ରଣୟନ ହୋଇନାହିଁ ତଥାପି ମଧ୍ୟପ୍ରଦେଶ, ଛତିଶଗଡ, ବିହାର ଏବଂ ହରିୟାଣା ଭଳି କେତେକ ରାଜ୍ୟରେ ସ୍ଥାନୀୟ ସ୍ୱାୟତ ଶାସନ ଅର୍ଥାତ୍ ପଂଚାୟତ ଓ ପୌରପାଳିକା ସ୍ତରରେ ଏହି ନିୟମ ଆଂଶିକ ଭାବରେ ଲାଗୁ କରାଯାଇଛି ଯାହା ଦ୍ୱାରା ଅପାରଗ ବା ଦୁର୍ନୀତିଗ୍ରସ୍ତ ସରପଂଚ ଏବଂ କାଉନସିଲରମାନଙ୍କୁ ଜନସାଧାରଣ ନିର୍ଦ୍ଧାରିତ ପ୍ରକ୍ରିୟା ମାଧ୍ୟମରେ ପଦରୁ ବହିଷ୍କାର କରିପାରୁଛନ୍ତି। ଏହି ପ୍ରକ୍ରିୟା ଅନୁଯାୟୀ ଯଦି ଏକ ନିର୍ଦ୍ଦିଷ୍ଟ ସଂଖ୍ୟାକ ଅଧିବାସୀ ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଦସ୍ତଖତ ଅଭିଯାନ ମାଧ୍ୟମରେ ଏକ ଆବେଦନ ପତ୍ର ପ୍ରଶାସନ ନିକଟରେ ଦାଖଲ କରନ୍ତି ତେବେ ସେଠାରେ ପୁନର୍ବାର ମତଦାନ କରାଯାଏ ଏବଂ ବହୁମତ ଯଦି ପ୍ରତିନିଧିଙ୍କ ବିରୋଧରେ ଯାଏ ତେବେ ତାଙ୍କୁ ପଦ ତ୍ୟାଗ କରିବାକୁ ପଡିଥାଏ। ଏହି ଆଇନରେ ସପକ୍ଷରେ ଅନେକ ଯୁକ୍ତି ରହିଛି ଯେପରିକି ଏହା ରାଜନୈତିକ ସ୍ୱଚ୍ଛତା ଆଣିବ, ଦଳୀୟ ଏକଛତ୍ରବାଦୀ ରୋକିବ, ନେତାମାନଙ୍କୁ ସର୍ବଦା ଜନମୁଖୀ କରି ରଖିବ ଏବଂ ଭୋଟରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବ। ମାତ୍ର ଏହାର ବିପକ୍ଷରେ ମଧ୍ୟ କେତେକ ଜଟିଳତା ପ୍ରକାଶ ପାଇଥାଏ କାରଣ ଏହି ବ୍ୟବସ୍ଥାର ଅପବ୍ୟବହାର କରି ବିରୋଧୀ ଦଳଗୁଡିକ କେବଳ ରାଜନୈତିକ ପ୍ରତିଶୋଧ ପାଇଁ ବାରମ୍ବାର ରିକଲ୍ ପ୍ରକ୍ରିୟା ଆରମ୍ଭ କରିପାରନ୍ତି ଯାହାଦ୍ୱାରା ଦେଶରେ ସଦାସର୍ବଦା ନିର୍ବାଚନୀ ପରିବେଶ ସୃଷ୍ଟି ହେବା ସହ ସରକାରୀ ପାଣ୍ଠିର ଅପବ୍ୟୟ ଘଟିବ ଏବଂ ପ୍ରଶାସନିକ ସ୍ଥିରତା ବାଧାପ୍ରାପ୍ତ ହେବ। ସେହିପରି ଜନପ୍ରତିନିଧିମାନେ ସେମାନଙ୍କ ପଦବୀ ବଂଚାଇବା ପାଇଁ କେବଳ କେତେକ ଲୋକପ୍ରିୟ ନିଷ୍ପତି ନେବାକୁ ବାଧ୍ୟ ହେବେ ଏବଂ ଦୀର୍ଘକାଳୀନ ବିକାଶମୂଳକ କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ। ତେଣୁ ସମଗ୍ର ବିଶ୍ୱରେ ସୁଇଜରଲ୍ୟାଣ୍ଡ ଏବଂ ଆମେରିକାର କେତେକ ରାଜ୍ୟରେ ଏହି ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟ କରୁଥିଲେ ଯେଁ ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଓ ଜନବହୁଳ ଦେଶରେ ଏହାକୁ ସମ୍ପୂର୍ଣ୍ଣ ଭାବରେ ଲାଗୁ କରିବା ପୂର୍ବରୁ ଏକ ସନ୍ତୁଳିତ ନୀତି ପ୍ରଣୟନ କରିବା ଆବଶ୍ୟକ ଯେଉଁଥିରେ କେବଳ ପ୍ରମାଣିତ ଦୁର୍ନୀତି, କ୍ଷମତାର ଅପବ୍ୟବହାର କିମ୍ବା ଶାରୀରିକ ଅସମର୍ଥତା ଭଳି ଗୁରୁତର କାରଣ ଥିଲେ ହିଁ ଏହି ପ୍ରକ୍ରିୟାକୁ ଅନୁମତି ମିଳିବା ଉଚିତ ଏବଂ ଏଥିପାଇଁ ଅତି କମରେ ୫୦ପ୍ରତିଶତରୁ ଅଧିକ ଭୋଟରଙ୍କ ସହମତି ଆବଶ୍ୟକ ହେବା ଉଚିତ ଯାହାଦ୍ୱାରା ଗଣତନ୍ତ୍ର ଅଧିକ ପରିପକ୍ୱ ଏବଂ ଜନକଲ୍ୟାଣକାରୀ ହୋଇପାରିବ। ରିକଲ୍ କରିବାରଅଧିକାର ବିଷୟବସ୍ତୁଟିକୁ ଯଦି ଆମେ ଆହୁରି ବ୍ୟାପକ ଭାବରେ ଅନୁଧ୍ୟାନ କରିବା, ତେବେ ଜଣାପଡିବ ଯେ ଏହା କେବଳ ଏକ ସାଧାରଣ ରାଜନୈତିକ ନିୟମ ନୁହେଁ ବରଂ ଏହା ନାଗରିକ ସଶକ୍ତିକରଣ ଏବଂ ଶାସନ ପ୍ରଣାଳୀରେ ସଂସ୍କାର ଆଣିବାର ଏକ ବିଶ୍ୱସ୍ତରୀୟ ଆଦର୍ଶ।

## ଏନଏଫଏସ ମେଧାର ପ୍ରତିବନ୍ଧକ

### ଅଧ୍ୟାପକ ଗୋପବନ୍ଧୁ(ଅବସରପ୍ରାପ୍ତ), ଦର୍ଶନ ବିଭାଗ

ସଂରକ୍ଷଣ ବ୍ୟବସ୍ଥା ସମାଜରେ ତଳେ ପଡିଥିବା ଅବହେଳିତ ଓ ଅନଗ୍ରସର ଜାତିସମୂହର କ୍ଷୀପ୍ର ବିକାଶ ପାଇଁ ଉଦ୍ଦିଷ୍ଟ। ଏହା ସମତାଭିତ୍ତିକ ସମାଜ ଗଠନ ଓ ସମାନ ଭାଗିଦାରୀର ଅବସର ତିଆରି କରେ। ଏପରି ଏକ ମହାନ ବ୍ୟବସ୍ଥାର ସଫଳତା ସକାରାତ୍ମକ ଆଭିମୁଖ୍ୟ ଉପରେ ନିର୍ଭର କରେ। ଯେଉଁମାନଙ୍କ ହାତରେ ଏହାକୁ କର୍ଯ୍ୟକାରୀ କରିବା ଦାୟିତ୍ୱ, ସେମାନେ ଆନ୍ତରିକତାର ସହିତ ଏ ଦାୟିତ୍ୱ ପାଳନ କଲେ ଏହାର ସୁଫଳ ଦୃଷ୍ଟିଗୋଚର ହୁଏ। ଅନେକ ସମୟରେ ଦେଖାଯାଏ ଏ ବ୍ୟବସ୍ଥାର ସଠିକ କର୍ଯ୍ୟକାରୀ ହୁଏ ନାହିଁ। ବିଭିନ୍ନ ଆଳରେ ସଂରକ୍ଷିତ ବର୍ଗଙ୍କୁ ସଂରକ୍ଷଣ ଲାଭ ପାଇବାରୁ ବଞ୍ଚିତ କରାଯାଏ। ଚାକିରୀ କ୍ଷେତ୍ରରେ ବିଭିନ୍ନ ବର୍ଗର ନିର୍ଦ୍ଧାରୀତ ସଂରକ୍ଷଣ ହାରଠାରୁ କମ୍ ଆସନ ଦେବା, କାରିଗରୀ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ତଦ୍ରୁପ କମ୍ ଆସନ ଦେବାର ଅଭିଯୋଗ ଅନେକ ଆସିଛି। ଅନେକ ରାଜ୍ୟରେ ଏହା ଏକ ସାଧାରଣ ଘଟଣା। ଉତ୍ତର ଭାରତର ରଜ୍ୟ ମାନଙ୍କରେ ଏପରି ଘଟଣା ଅଧିକ। ଅନେକ ସମୟରେ ଏହା ପଛରେ ରାଜ୍ୟ ସରକାରଙ୍କ ପ୍ରଚ୍ଛନ୍ନ ହାତ ଥାଏ। ବିରୋଧୀଙ୍କ ମଧ୍ୟ ନୀରବ ସମର୍ଥନ ଥାଏ।

ନିଯୁକ୍ତିରେ ଜାତିଗତ ବାଛବିଚାରର ମୁଖ୍ୟଅସ୍ତ୍ର ସାଜିଛି 'ନଟ ଫାଉଣ୍ଡ ସୁଇଟେବୁଲ'(ଏନଏଫଏସ), ଅର୍ଥାତ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ। ଉଚ୍‌ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଏହା ସ୍ୱଷ୍ଟ ପରିଲକ୍ଷିତ ହୁଏ। ଫଳରେ ଅନଗ୍ରସର ବର୍ଗ ଅନ୍ତର୍ଗତ ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗମାନେ ଖୁବକମ୍ ସ୍ଥାନରେ ସହଯୋଗୀ ପ୍ରଫେସର ଓ ପ୍ରଫେସର ପଦରେ ଅଛନ୍ତି। ୪୫ ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୩୮ ଟିରେ ଅଗ୍ରସର ଜାତିର ଲୋକମାନେ ଭିସି ଅଛନ୍ତି, ଅବଶିଷ୍ଟ ୭ ଟିରେ ଅନଗ୍ରସର ବର୍ଗର(୧ ଟିରେ ଦଳିତ, ୧ ଟିରେ ଆଦିବାସୀ ଓ ୫ ଟିରେ ଅନ୍ୟାନ୍ୟ ପଛୁଆବର୍ଗର ଲୋକ ରହିଛନ୍ତି)। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ପ୍ରଫେସର ପଦରେ ୬.୯% ଦଳିତ, ୧.୫% ଆଦିବାସୀ ଓ ୪.୧% ଓବିସି ଅଛନ୍ତି। ସହଯୋଗୀ ପ୍ରଫେସର ପଦରେ ମଧ୍ୟ ସମାନ ଅବସ୍ଥା। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବାଦେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଚିତ୍ର ପାଖାପାଖି ସମାନ। ଉଚ୍‌ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଜାତିଗତ ପାତରଅନ୍ତର କରା ଯାଉଥିବାର ଅଭିଯୋଗ ହୋଇଆସିଛି। ଏହାର ମୁଖ୍ୟ ଅସ୍ତ୍ର ବନିଛି ଯୋଗ୍ୟ ପ୍ରାର୍ଥୀର ଅଭାବ(ଏନଏଫଏସ) ଜନିତ ରିପୋର୍ଟ୍। ୟୁଜିସି ତଥ୍ୟ ଅନୁଯାୟୀ ପ୍ରୋଫେସର ପଦରେ ସଂରକ୍ଷିତ ବର୍ଗର ଅନୁମୋଦିତ ପଦରୁ ୮୦% ଓବିସିଙ୍କ, ୮୩% ଏସଟିଙ୍କ ଓ ୬୪% ଏସସିଙ୍କ ଫାଙ୍କା ରହିଛି। ଅନ୍ୟାନ୍ୟ ଉଚ୍‌ଚ ଶିକ୍ଷାନୁଷ୍ଠାନରେ ସମାନ ପରିସ୍ଥିତି। ଓଡିଶାର ବିଶ୍ୱବିଦ୍ୟାଳୟ ଓ ଉଚ୍‌ଚ ଶିକ୍ଷାନୁଷ୍ଠାନଗୁଡିକରେ ମଧ୍ୟ ତଦ୍ରୁପ ଅବସ୍ଥା ଦେଖିବାକୁ ମିଳେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଚ୍‌ଚ ପଦପଦବୀ ଚୟନ ପ୍ରକ୍ରିୟାରେ ମଧ୍ୟ ଏନଏଫଏସର ପ୍ରୟୋଗ ହୁଏ। କେନ୍ଦ୍ରୀୟ ନିଯୁକ୍ତି କ୍ଷେତ୍ରରେ ଆଇଏଏସ ଓ ଆଇପିଏସକୁ ସର୍ବୋଚ୍‌ଚ ଚାକିରୀ ଭାବେ ବିବେଚନା କରାଯାଏ। ଏହା ବାଦେ ଅନ୍ୟାନ୍ୟ ପ୍ରଥମ ଶ୍ରେଣୀ ନିଯୁକ୍ତି ମଧ୍ୟ ରହିଛି। ସାମ୍ବିଧାନିକ ଭାବେ ଏ ସମସ୍ତ କ୍ଷେତ୍ରରେ ଏସଟିଙ୍କ ପାଇଁ ୭.୫%, ଏସସିଙ୍କ ପାଇଁ ୧୫% ଓ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ରହିଛି। ହେଲେ ଏଯାଏଁ ଆଇଏଏସ କ୍ଷେତ୍ରରେ ଏସଟିମାନଙ୍କୁ ୧.୨୦%, ଏସସିମାନଙ୍କୁ ୨.୪୨% ଓ ଓବିସିମାନଙ୍କୁ ୪.୩୯% ସ୍ଥାନ ପୂରଣ କରିବାକୁ ଦିଆଯାଇଛି। ସେହିପରି ଆଇପିଏସ କ୍ଷେତ୍ରରେ ଏସସିମାନେ ୩.୦୬%, ଏସଟିମାନେ ୧.୫୪% ଓ ଓବିସିମାନେ ୫.୫୦% ସ୍ଥାନରେ ଅଛନ୍ତି। (କ୍ରମଶଃ)

# ଅଭିଷେକ ସମୟରେ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ହଁ ଅଭିଷେକ ସମୟରେ ଯଦି ରାଜ ପୁରୁଷଙ୍କ ବାଟ ନଥାଏ ତେବେ ସେ ରାଜାଙ୍କ ରାଜ କରିବା ଭବିଷ୍ୟ ମଙ୍ଗଳମୟ ହୁଏନାହିଁ। ଏହା ଶକୁନ ଜ୍ୟୋତିଷ ଶାସ୍ତ୍ରର ପ୍ରମାଣ। ରାଜ ଉପଚାରରେ ତାହା ବିଘ୍ନ। ପାଂଶେଷଣରେ ଅନେକ ବିଶେଷ୍ୟ ତତ୍‌କାଳ ଯୋଡ଼ି ହୋଇ ଅନେକ ସତେବେଳେ ଥାଟରେ ରହିବା ଶାସ୍ତ୍ର ବିଦିତ। ପାଟ-ଆୟୁଧ, ଶ୍ରୀରାମଙ୍କ ଶରାସନ ଧାରଣ ପରି, ରାଜା କାନୁନ ସିଂହସ୍ଥାନରୁ ଦେଶର ଦୂରାନ୍ତ ସର୍ବ କୋଣରୁ ସର୍ବ ଅନୁକୋଣ ଯାଏ ରାଜାକାନୁନ ପ୍ରତାପରହିବ ଏହା ଶରାସନ ଦର୍ଶାଉଛି। ପାଟଖଣ୍ଡା ଅନେକ ରାଜାଙ୍କ ଅଭିଷେକ ବେଳରେ ମନ୍ତ୍ରପୂତ କରି ହସ୍ତରେ ଧରେଇ ଦିଆଯାଏ। ଖଣ୍ଡା ଖଣ୍ଡ ଖଣ୍ଡ କରେ ଯାହାର ଅର୍ଥ ଛେଦକର ଭେଦ କର ଶାସନ କର। ଡିଭାଇଡ ଆଣ୍ଡ ରୁଲ। ମିଜାଇଲ ଯୁଗରେ ବି ସ୍ୱାଧୀନତା ଦିବସରେ ଗଣତନ୍ତ୍ର ପ୍ରଶାସନରେ ଆମ ଦେଶରେ ରାଜ ସେନା ପୋଲିସ ହାତରେ ପରେଡ଼ ଭୂମିରେ ଏପରି ଖଣ୍ଡା ହସ୍ତା ଅଧିକର୍ତ୍ତା ପତାକା ଉତ୍ତୋଳନକୁ ପ୍ରଧାନ ମନ୍ତ୍ରୀଙ୍କୁ ଆହ୍ୱାନ କରୁଛନ୍ତି। ଖଣ୍ଡା ଅଦରକାରୀ ହଟାଏ, ଦରକାରୀଙ୍କୁ ଅଭୟ ଦିଏ। ପାଟରାଣୀ ଅଭିଷେକରେ ଅବଶ୍ୟ ବାମାଙ୍ଗ। ଗଣତନ୍ତ୍ରରେ ସହଯୋଗୀ ସହକର୍ମୀ ଶାସନ ସହାୟକ ମାନେ ପାଟ, ଶପଥ ପାଠ ଉତ୍ସବ ଉପସ୍ଥିତ ରହିବା ଦେଖା ଯାଉଛି। ଶପଥ ପାଠ ଉତ୍ସବ ହିଁ ଅଭିଷେକ ପର୍ବ ଗଣତନ୍ତ୍ର ପାଇଁ ଧରାଯାଉଛି।

ପୂର୍ବରୁ ପାଟ ହାତୀ ପାଟ ଅଶ୍ୱ ଅଭିଷେକ ଦିନ ସଜ୍ଜିତଦ ହୋଇ ସୁଦୃଶ୍ୟ ରହୁଥିଲେ। ଏବେ ସୁନ୍ଦର ମହଙ୍ଗା ମୂଲ୍ୟବାନ ଯାନ ଅଭିଷେକ ହଲରୁ ରାଜବାସ ଗୃହ ବା ଦପ୍ତରକୁ ବହନକୁ ଅପେକ୍ଷା ରତ। ଜୟ ଜୟକାର ଧ୍ୱନୀ, ନାରୀଙ୍କୁ ସୁନ୍ଦର ସେଚାରି ଅକ୍ଷର ରାଜା ବିଜେକାଳେ ଶୁଭଇ ହୁଳହୁଳି ପାଟମୁକୁଟ ରତ୍ନ ଖଚିତ ଶୁଦ୍ଧ ସ୍ୱର୍ଣ୍ଣବଂଶାନୁକ୍ରମ ବ୍ୟବହାର୍ଯ୍ୟ ବା ନୂତନ ପାଟଯୋଷୀରାଜ ପୁରୋହିତ ଗଣଙ୍କ ଅଭିଷେକ ବେଦ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଶୁଭ ସ୍ଥିର ଲଗ୍ନରେ ନବ୍ୟ ଅଭିଷିକ୍ତ ରାଜମସ୍ତକ ମଣ୍ଡିତ କରାଯାଏ। ରାଜା ତିଳକ ପିନ୍ଧାଇ ଦିଆଯାଏ। ଜ୍ୟୋତିଷରେ ଏକ ମହାନ ପରମ୍ପରାର ଶାସ୍ତ୍ର ଯାମଳ ଗ୍ରନ୍ଥ, ଏଥିରୁ ଉଦ୍ଧାର ପ୍ରାମାଣିକ ଶାଖା ନରପତି ଜୟ ଚର୍ଯ୍ୟାରେ ଅଛି ଅନେକ ଚକ୍ର ଏ ମଧ୍ୟରେ ଅଛି ସିଂହାସନଚକ୍ର ଓ ରାଜ ପ୍ରବେଶ ତୋରଣ ଚକ୍ର, ଯହିଁରେ ୨୭ ନକ୍ଷତ୍ରକୁ ନେଇ ତିନି ରାଜଶକ୍ତି ଅଶ୍ୱପତି, ଗଜପତି, ନରପତି, ପରି ପ୍ରାଚୀନ ତିନି ପ୍ରତାପୀ ରାଜ ଘରାନାଙ୍କର ଅଭିଷେକ କାଳୀନ ଗ୍ରହସ୍ଥିତି ପାଇଁ ଚକ୍ର ଅଛି। ସିଂହାସନ ଚକ୍ରରେ ପାଞ୍ଚ ସୋପାନ ଏ ମଧ୍ୟରେ ପଟ୍ଟ ବୋଲି ଏକ ପର୍ଯ୍ୟାୟ ଅଛି। ଏଥିରେ ସ୍ଥିତ ୬ନକ୍ଷତ୍ରରେ ଯଦି ପାପ ରହିଯାଏ ତେବେ ଅଭିଷିକ୍ତ ରାଜାଙ୍କ ପ୍ରିୟ ବିଶ୍ୱସ୍ତ ପାଟଣ ବା ପଟ୍ଟର ମହା ନାୟକଙ୍କ ବିଚ୍ଛେଦ ହୁଏ। ବିଶେଷକରି ଶନିଙ୍କ ସ୍ଥିତିକୁ ଅତି ପ୍ରାଧାନ୍ୟ ଦିଆଯାଏ। ପାପଗ୍ରହମାନେ ଅଗ୍ନୀ ସ୍ୱରୂପ ଯେଉଁ ନକ୍ଷତ୍ରରେ ଥାନ୍ତି ତାକୁ ଜାଳୁଥାନ୍ତି। ଯାହାକୁ ଛାଡ଼ି ଆସିଥାନ୍ତି ତାକୁ ପାଉଁଶ କରିଥାନ୍ତି। ଯେଉଁଠିକି ଯିବେ, ତାକୁ ଧୁମମୟ କରୁଥାନ୍ତି। ଏପରି ୩ନକ୍ଷତ୍ର ସମ୍ପର୍କ। ଶନି ହାରାହାରି ଏକ ବର୍ଷରୁ କିଛି ମାସ ଏକ ନକ୍ଷତ୍ରରେ ରହନ୍ତି ଏହି ସମୟ ମଧ୍ୟରେ ଅଭିଷେକ କାହାରି ହେଲେ ଜ୍ୟୋତିଷମାନେ ଚକ୍ର ୫ଅଙ୍ଗରେ ଆସୁଥିବା ଶନିଙ୍କ ସ୍ଥିତି ଦେଖି ହାୟ ହାୟ ହୁଅନ୍ତି। ଏ ରାଜ ଉପଚାର କଥା ଦେବ ଉପଚାର ଆହୁରି ଅନେକ ସୂକ୍ଷ୍ମ ବିଚାର, ତେବେ ରାଜ ଉପଚାର ସମ୍ବନ୍ଧମୁକ୍ତ ନୁହେଁ। ଆମ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ନାଥ ଲାଗିଛିଯେ ଜଗତର ନାଥ, ବ୍ରହ୍ମାଣ୍ଡ ହିଁ ଜଗତ, ତାର ସେ ନାଥ, ସମ୍ରାଟ, ହେଲେ ତାଙ୍କ ସେବକ ପଣରେ ମାନବ ଗଣ ସଂଶ୍ଲିଷ୍ଟ। ତାଙ୍କର ସେବାସମୂହ ଅନୁଧ୍ୟାନ କଲେ କେହି ହେଲେ ବି ଆଶ୍ଚର୍ଯ୍ୟ ହେବେ। ତାଙ୍କର ରାଉତ ହେଉଛନ୍ତି ଖୋଦ ଗଜପତି ମହାରାଜା ସେ ଏକ ନମ୍ବର ସେବକ।

ଗଣତନ୍ତ୍ର ରାଜୁତିରେ ଭାରତର ରାଷ୍ଟ୍ରପତି, ତାଙ୍କ ଜଗତି ଛାଡ଼ି ଏହାଙ୍କ ଦିବ୍ୟ ଜଗତି ରତ୍ନ ସିଂହାସନ ତଳେ ଯୋଡ଼ହସ୍ତରେ ନମନ ହୋଇ ମଣିମା ମଣିମା ହେବା ଦେଖାଯାଉଛି। ହିନ୍ଦୁ ସନାତନୀ ରାଜାରେ ନେପାଳର ରାଜଦମ୍ପତି ବିଗତ କାଳରେ କେତେ ଥର ଆସି ପୂଜା ପାଠ କରିବା ସହ ନମନ ହୋଇଛନ୍ତି। ଅନ୍ୟ ଧର୍ମ ସମ୍ପୃକ୍ତିମାନେ ଦେଉଳର ରୀତିନୀତି କାଇଦା କାନୁନ ନୀତି କାନ୍ତି ପାଇଁ ଦେଉଳ ପ୍ରବେଶ ମନା ଥିଲେ ବି ରଥଯାତ୍ରାରେ ସବୁଧର୍ମର ଭକ୍ତ ଜନତା ହୃଦୟ ଭରି ଦେଖି ପାରନ୍ତି ଶ୍ରୀଅଙ୍ଗ ଅଧିଷ୍ଠିତ ରଥାରୂଢ଼ ମହାପ୍ରଭୁଙ୍କ ରଥର ଦଉଡି ଛୁଇଁ ଟାଣି ପାରନ୍ତି। ଯାହା ଅନ୍ୟବେଳେ ଦୁର୍ଲ୍ଲଭ। ଏହା ସର୍ବ ଦର୍ଶନର ମହା ଅନୁଷ୍ଠାନ। ଏ ଯାତ୍ରାବି ଏକ ରଥ ଜଗତିର ଅଭିଷେକକୁ ପାରମ୍ପରିକ ବିଶେଷ ଯାତ୍ରା ଅନୁଷ୍ଠାନ। ଏହା ଆଷାଢ଼ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିକୁ କର୍କଟ ଚନ୍ଦ୍ର ସହ ପୁଷ୍ୟା ନକ୍ଷତ୍ର ସମ୍ବନ୍ଧ ରହିବା ଆବଶ୍ୟକ। ତିନି ଦେବତାଙ୍କ ଭିନ୍ନ ଭିନ୍ନ ନକ୍ଷତ୍ର ବଳରାମଙ୍କ ୨୨ ଶ୍ରବଣା, ଜଗନ୍ନାଥଙ୍କ ୪ରୋହିଣୀ ମା ସୁଭଦ୍ରାଙ୍କ ୧୮ ଜ୍ୟେଷ୍ଠା ନକ୍ଷତ୍ର। ରାଶି ସମ୍ବନ୍ଧରେ ମକର, ବୃଷ, ବିଛା ଏହି ତିନିରାଶିର ଚନ୍ଦ୍ର ଶୁଦ୍ଧ କର୍କଟରେ ଏହି ମାସ ଶୁକ୍ଲପକ୍ଷରେ ହିଁ ହେଉଛି। ଏ ସମୟ ଏପରି ବଛା ଯାଇଥିଲା ଯାହା ପାଗ ନାତେଜ ଗରମ ନା ତିବ୍ରବର୍ଷା, ନା ହାଡ଼ ଭଙ୍ଗା ଶୀତ ଅନୁଭୂତ। କୃଷି ଭିତ୍ତିକ ବୃତ୍ତି ଜୀବିକା ରାଜ୍ୟରେ ପୂର୍ଣ୍ଣ ଯୋଷରେ ଚାଷ କାମ ଚାଲୁନଥାଏ। ପୂର୍ବେ ନଦୀମାନଙ୍କରେ ପୋଲି ସେତୁ ନଥିଲା ନଦୀପାର ଡଙ୍ଗାରେ ହେବାକୁ ପଡୁଥିଲା ହେଲେ ପ୍ରବଳ ବର୍ଷା ଦିନରେ ଡଙ୍ଗାର ଆବଶ୍ୟକ ଦରକାର ବେଳେ ଖରାଦିନରେ ସବୁନଦୀ ଶୁଖିଲା ବା କ୍ଷୀଣ ଜଳଧାର ଯହିଁରେ ପଶି ପାର ହୋଇ ହେଉଥିଲା। ସେତେବେଳେ ବର୍ତ୍ତମାନ ପରି ହୋଟେଲର ଭୋଜନକୁ କେହି ପସନ୍ଦ କରୁନଥିଲେ। ଘରୁ ଚୁଡ଼ା, ଚାଉଳ, ଛତୁଆଚୁନା, ଗୁଡ଼, ମୁଢ଼ି, ଉଖୁଡ଼ା, ଏମିତି ନେଇ ଲୋକେ ବାଟ ଚାଲି ରହି ରହି ବାଟରେ ହାତରେ ରୋଷେଇ କରି ଆନନ୍ଦ ଶୁଦ୍ଧ ଭୋଜନ କରି ସାଥି ମେଳରେ ବାଟ ଚାଲି ଚାଲି କାହିଁ କେତେ ଦୂରରୁ ଭକ୍ତି ଶ୍ରଦ୍ଧାରେ ମହିମାମୟଙ୍କ ରଥଯାତ୍ରାକୁ ଆସୁଥିଲେ।

ଆଜିକାଲି ଗମନାଗମନର ବହୁ ସୁବିଧା ହେଲାଣି ହେଲେ ଲୋକେ ପୂର୍ବପରି ନିଷ୍ଠା ଭକ୍ତି କାଷ୍ଠାରେ ରହିବା ନ ହୋଇ ଗମାତ ମୌଜ କାରବାକୁ ଆସି ହୋଟେଲରେ ରାତ୍ରୀ ବାସ କରୁଛନ୍ତି। ଏହା ହିଁ ପୁରୀରେ ଯାନବାହନ ନିୟନ୍ତ୍ରଣକୁ ଅନେକ ଲୋକଙ୍କ ପାଇଁ ଜଳ, ବିଦ୍ୟୁତ, ବାସ, ଭୋଜନ, ରାସ୍ତାଘାଟ, ଶୌଚ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସମସ୍ୟା, ଦେଖାଦେଉଛି। ଏହା ବର୍ଦ୍ଧିତ ହାରରେ ଚାଲିଛି। ଏହା ପ୍ରଶାସନରେ ଦେଶ ରାଜ୍ୟ ଜିଲ୍ଲା ଆଉ ସହରୀ ପ୍ରଶାସନର ଏକାବେଳେ ମୁଣ୍ଡ ବ୍ୟଥା କରାଉଛି। ଏକରୁ ଅନେକ ଅଧିକାରୀଙ୍କ ପ୍ରଶାସନରେ ଏ ସମୟରେ ବ୍ୟକ୍ତିଗଣ, ସ୍ଥାନ, ଏପରିକି ଲୋକଙ୍କ ବ୍ୟବହାର୍ଯ୍ୟ ନିତ୍ୟ ଦ୍ରବ୍ୟ ଉପରେ ଲାଗିରହିଛି। ବହୁ ଶାସନ ରଜୁର ବନ୍ଧନରେ ପ୍ରଜାମାନେ ପଡ଼ିବା ବୋଧ ହେଲାଣି। ପ୍ରତି ଘରକୁ ଇଲେକ୍ଟ୍ରିକ ସଂଯୋଗ, ରନ୍ଧନ ଗ୍ୟାସ ଟାଙ୍କି ବା ଗ୍ୟାସ ପାଇପ ସଂଯୋଗ, ପାଣି ପାଇପ ସଂଯୋଗ, ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ଜାଇକା ପରି ସଂସ୍ଥାର ନଳ ସଂଯୋଗ, ମୋବାଇଲ ଫୋନ ପାଇଁ ଟିଭି ପାଇଁ ଫୋନରେ କମ୍ପାନୀ ମାନଙ୍କ ମାସିକ ବା ଧାର୍ଯ୍ୟ ସମୟ ପାଇଁ ଟିକସ, ହୋଲଡିଂ ଟିକସ, ସ୍ଥାନଖଜଣା ଦ୍ରବ୍ୟ କ୍ରୟରେ ଜିଏସଟି ଆୟକର ଏସବୁ ରଜୁ। ଦେଶ ବିନା ଅର୍ଥରେ କେବେ ପ୍ରଗତି କରିବା ସମ୍ଭବ ନୁହେଁ। ଅନେକ ପ୍ରକାର କର ଆଦାୟ ଦଉଡି ରଜୁ ପରି ଲମ୍ବିଛି ନାଗରିକମାନେ ଦ୍ରବ୍ୟ ମୋହରେ ବା ଆବଶ୍ୟକ ପାଇଁ ଦେଶ ପ୍ରଗତିର କରସଂଗ୍ରହରେ କର ଲଗାଇବା ଜଣାପଡୁଛି। ଏହି କରରେ ସରକାର ରଥ ଚାଲୁଛି। ଅନେକ କମ୍ପାନୀଙ୍କ ରଥ ଚାଲୁଛି।

ପୂର୍ବେ ଲୋକେ ଶ୍ରୀକ୍ଷେତ୍ରକୁ ପାଦରେ ଚାଲି ଚାଲି ଆସୁଥିଲେ ରାସ୍ତାଘାଟର ସୁବିଧା ନଥିଲା କାଳକ୍ରମେ ରାସ୍ତାର ସୁଧାର, ଯାନବାହାନ ସୁବିଧା ଯୋଗୁଁ ବହୁ ଲୋକଙ୍କୁ ରଥ ଟଣା ଦିଅଁ ଦର୍ଶନକୁ ଆକୃଷ୍ଟ କଲାପରି, ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା, ଧନଜୀବନ ରକ୍ଷା ଗମନା ଗମନ, ଯୋଗାଯୋଗ, କୃଷି, ବାଣିଜ୍ୟ ପରି ଅନେକ ସୁବିଧା ଯୋଗାଇ ଦିଆଯିବାରୁ କର ରଜୁ ଲୋକଙ୍କୁ ଟାଣି ଦେଶ ଦଶଙ୍କ ଉଦ୍ଦେଶ୍ୟରେ କର ରଜୁ ଲୋକେ ଧରି ଦେଶର ଅର୍ଥନୀତି ବିକାଶ ପାଇଁ ନିଜ ଆଡ଼କୁ ଭିଡ଼ିବା ବୋଧ ହେଉଛି। ମହାପ୍ରଭୁଙ୍କର ରଥ ଯାତ୍ରା ସରକାର ଓ ଜନତାଙ୍କୁ ସହଯୋଗରେ ବଡ଼ ବଡ଼ କାର୍ଯ୍ୟ ନିର୍ବାହ କରିବା ପାଇଁ ଏକ ସଙ୍କେତ ଦେଉଛନ୍ତି। ଦେଶ ପ୍ରଜା ଗଣଙ୍କୁ ଭବିଷ୍ୟତ ପାଇଁ ମୁତୟନ ସର୍ବ ବିଭାଗୀୟ ଅଧିକାରୀ ଉତ୍ତମ ସମୟରେ ପାଦରେ ଅଭିଷିକ୍ତ ହେଲେ ବିଶ୍ୱାସ ଭକ୍ତିର ପାତ୍ର ରହିପାରନ୍ତି।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩**

# ବିଶ୍ୱ ବିକଳ୍ପ ସନ୍ଧାନରେ ଭାରତ

### ସୌମେନ୍ଦ୍ର ଜେନା

ପ୍ରତି ମୂହୁର୍ତ୍ତରେ, ପ୍ରତିଦିନ, ବିଶ୍ୱର ପରିସ୍ଥିତି ବଦଳିବାରେ ଲାଗିଛି। କିଏ, କେତେବେଳେ,କେଉଁଠି, କାହା ସହ ରହିବ, ସେ ବିଷୟରେ ଆକଳନ କରିବା ସମ୍ଭବପର ହେଉନାହିଁ। ଆଜି ବିଶ୍ୱନୀତି କହିଲେ କିଛି ଦର୍ଶନ, କିଛି ସିଦ୍ଧାନ୍ତ ନାହିଁ। ସବୁ ଦେଶ ନିଜ ସ୍ୱାର୍ଥ ନିଜ ସୁବିଧାକୁ ବିଶ୍ୱନୀତି ମନେକରିବାରେ ଲାଗିଛନ୍ତି। ଶୀତଳ ଯୁଦ୍ଧ ପରବର୍ତ୍ତୀ କାଳ ପୃଥିବୀରେ ଶାନ୍ତିର ସମୟ ହେବ ବୋଲି ଯେପରି ଆଶା କରାଯାଉଥିଲା ତାହାର ଚିତ୍ର ଓ ଚରିତ୍ର ଏବେ ବଦଳିଯାଇଛି। ଶକ୍ତି ସନ୍ତୁଳନ ବିଗିଡିଯିବା ହେତୁ ଆମେରିକା, ୟୁରୋପ ଏବଂ ନାଟୋ ସଦସ୍ୟ ଥିବା ରାଷ୍ଟ୍ରଗୁଡିକର ଆଧିପତ୍ୟ ଅଧିକ ବଢିବାରେ ଲାଗିଲା। ଅବଶ୍ୟ ନାଟୋ ବାହାରେ ଥିବା ଚୀନ, ଭାରତ, ଇରାନ, ଇସ୍ରାଏଲ, ଉତ୍ତର କୋରିଆ ପରି ରାଷ୍ଟ୍ରଗୁଡିକ ନିଜସ୍ୱ ଶକ୍ତି, କୂଟନୀତି ଓ ପରିଶ୍ରମ ବଳରେ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ନେଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ପ୍ରାୟ ୮୦ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ, ଶକ୍ତି ପ୍ରଦର୍ଶନରୁ ଦୂରରେ ରହି ନିଜର ଆର୍ଥିକ ଶକ୍ତିକୁ ବୃଦ୍ଧି କରିବାକୁ ମନୋନିବେଶ କରିଥିବା ଜାପାନ ଏବେ ପରିବର୍ତ୍ତିତ ବିଶ୍ୱସ୍ଥିତିକୁ ଦେଖି ନିଜର ପୁରୁଣା ଶକ୍ତି କେନ୍ଦ୍ରକୁ ଫେରିବାକୁ ପ୍ରୟାସ ଆରମ୍ଭ କରିଦେଇଛି। ଗୋଟିଏ ପଟେ ଆମେରିକାର ଏକାଧିପତ୍ୟକୁ ପ୍ରାଧାନ୍ୟ, ଅନ୍ୟପଟେ ରୁଷିଆ ନିଜର ପୁରୁଣା ସମ୍ମାନ ପାଇଁ ସଂଘର୍ଷରତ ଥିଲାବେଳେ ଚୀନ ଉଭୟ ଆମେରିକା ଓ ରୁଷିଆର ସହଯୋଗୀ ଭାବେ ଏବଂ ଦ୍ୱିତୀୟ ଆର୍ଥିକ ମହାଶକ୍ତି ହୋଇ ଛିଡା ହେବାକୁ ସକ୍ଷମ ହୋଇଛି। ଫଳତଃ ଆଗାମୀ ଦିନରେ ଆମେରିକାକୁ ଅତିକ୍ରମ କରି ଅନେକ କ୍ଷେତ୍ରରେ ଚୀନ ପ୍ରାଧାନ୍ୟ ବିସ୍ତାର କରିବ ଯାହା ଏବେଠୁ ସ୍ୱଷ୍ଟ ହେଲାଣି। ଏସବୁ ଶକ୍ତିର ଅସନ୍ତୁଳନ ମଧ୍ୟରେ ଭାରତ ନିଜର ଶକ୍ତି, ସାମର୍ଥ୍ୟ, ସୁରକ୍ଷା, ଅର୍ଥନୀତି ଆଦି ସବୁକ୍ଷେତ୍ରରେ ଆତ୍ମନିର୍ଭର ହେବାପାଇଁ ପ୍ରୟାସ କରୁଛି। ଗୋଟିଏ ପଟେ ଟ୍ରମ୍ପ ପ୍ରଶାସନର ଅହଙ୍କାରବାଦୀ ନୀତି ଏବଂ ଆରପଟେ ବନ୍ଧୁରାଷ୍ଟ୍ର ରୁଷିଆର ସଂଘର୍ଷ ମଧ୍ୟରେ ଭାରତ ନିଜକୁ ଦୁଇ ମହାଶକ୍ତିଙ୍କ ମଝିରେ ସଂପର୍କକୁ ସନ୍ତୁଳିତ ସ୍ଥିତିରେ ରଖିବାକୁ ଚେଷ୍ଟା କରୁଛି। ସେଥିପାଇଁ ସାରା ପୃଥିବୀରେ ନୂଆ ନୂଆ ବିକଳ୍ପର ସନ୍ଧାନରେ ରହିଛି। ଶକ୍ତି, ମୂଲ୍ୟବାନ ଖଣିଜ ବସ୍ତୁ, ପ୍ରତିରକ୍ଷା ସାମଗ୍ରୀ, ମହାକାଶ ଗବେଷଣା, ଭିତ୍ତିଭୂମି ନିର୍ମାଣ ଆଦି ବହୁବିଧ କ୍ଷେତ୍ରରେ ଆପଣାର ନିଜସ୍ୱ ଶକ୍ତି ବୃଦ୍ଧି କରିବାରେ ଲାଗିଛି। ସେଥିପାଇଁ ଛୋଟ ବଡ ବହୁ ରାଷ୍ଟ୍ରଙ୍କ ସହ ସଂପର୍କ ସ୍ଥାପନ କରି ନିଜସ୍ୱ କୂଟନୀତି, ବାଣିଜ୍ୟ, ଶିକ୍ଷା, ସୁରକ୍ଷା, ଅର୍ଥନୀତି ପରି ଅନେକ ବିଷୟରେ ଆପଣାର ପ୍ରତିଷ୍ଠା ପଛରେ ଲାଗିରହିଛି।

କେନ୍ଦ୍ର ସରକାର ଗୋଟିଏ ପଟେ ଆମେରିକା ପରି ବାହାରକୁ ବନ୍ଧୁ, ଭିତରେ ଶତ୍ରୁ ପରି ଚିନ୍ତା ରଖୁଥିବା ରାଷ୍ଟ୍ରକୁ ସାମ୍ନା କଲାବେଳେ ଅପରପକ୍ଷେ ରୁଷିଆ ପରି ପୁରୁଣା ବନ୍ଧୁରାଷ୍ଟ୍ର ସହ ଛିଡା ହୋଇଛନ୍ତି ଯୁଦ୍ଧ ସମୟରେ। ରୁଷିଆର ଅର୍ଥନୀତିକୁ ସାହାଯ୍ୟ କରିବାକୁ ତୈଳକ୍ରୟ, ଅସ୍ତ୍ରକ୍ରୟ, ଇଞ୍ଜିନିୟରିଂ ଯନ୍ତ୍ରାଂଶ ଯୋଗାଣ, ଦକ୍ଷ ଶ୍ରମଶକ୍ତି ଯୋଗାଣ ପରି କାର୍ଯ୍ୟକୁ ଭାରତ ସରକାର ଜାରି ରଖିଛନ୍ତି। କାରଣ ଆଜି ବିଶ୍ୱ ବହୁପକ୍ଷୀୟ ହୋଇଛି ଗୋଟିଏ ରାଷ୍ଟ୍ର ଅନ୍ୟ ଉପରେ ନିର୍ଭରଶୀଳ ହେବାପରେ ଅଯଥା କଟକଣା, ତାରିଫ ଯୁଦ୍ଧକୁ ସମ୍ମୁଖୀନ ହେବାକୁ ପଡୁଛି। ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଇରାନ ଓ ଆମେରିକା ହର୍ମୁଜ ପ୍ରଣାଳୀକୁ ଅସ୍ଥିର କରି ରଖିଥିବା ସମୟରେ ଯୋଗାଣଜନିତ ହ୍ରାସ ଯୋଗୁ ବିଶ୍ୱସାରା ଦରବୃଦ୍ଧି ହେବାରେ ଲାଗିଛି। ଏସବୁକୁ ଦୃଷ୍ଟିରେ ରଖି ଭାରତ ୟୁରୋପର ରାଷ୍ଟ୍ରଗୁଡିକ ସହ ମୁକ୍ତବାଣିଜ୍ୟ ବୁଝାମଣା, ଅନେକ ରାଷ୍ଟ୍ର ସହ ରଣନୀତିକ ସଂପର୍କ ସ୍ଥାପନ କରିବାରେ ଲାଗିପଡିଛି। ଯେଉଁ ଦେଶଗୁଡିକୁ ଭାରତର ରାଷ୍ଟ୍ରମୁଖ୍ୟମାନେ ଅତୀତରେ ଗସ୍ତ କରିନଥିଲେ, ସେ ସବୁକୁ ଖୋଜି ମୋଦି ଗସ୍ତ କରିବାରେ ଲାଗିଛନ୍ତି। ଏହାର କାରଣ ହେଲା ସଂଖ୍ୟାଧିକ ବାଣିଜ୍ୟ ସହଯୋଗୀଙ୍କୁ ବିକଳ୍ପ ଭାବେ ଛିଡାକରିବା। ବଡ ବଡ ରାଷ୍ଟ୍ରଗୁଡିକର ଆଭ୍ୟନ୍ତରୀଣ ଅସ୍ଥିରତା କିମ୍ବା ରାଜନୈତିକ କଟକଣା ସରକାରକୁ କେନ୍ଦ୍ରକରି ବଦଳୁଥିବା ଯୋଗୁ କେଉଁ ମୁହୂର୍ତ୍ତରେ କେଉଁ ଦେଶ କାହା ସହିତ ରହୁଛି ତାହା ଜାଣିବା କଷ୍ଟକର। ତେଣୁ ବ୍ୟବସାୟ-ବାଣିଜ୍ୟ, ଲୋକଙ୍କ ରୋଜଗାର, ଶିଳ୍ପପାଇଁ ଆବଶ୍ୟକ ଖଣିଜ ସଂପଦ ଯୋଗାଣ ଏବଂ ବିଶ୍ୱବଜାରରେ ସେସବୁର ବିକ୍ରି ପାଇଁ ସକ୍ରୀୟ ବିଦେଶନୀତି ଦରକାର।

କୋରୋନା ପରବର୍ତ୍ତୀ ସମୟରେ ଚୀନର ଖଣିଜ ଦ୍ରବ୍ୟ ଯୋଗାଣକୁ କଟକଣାଯୁକ୍ତ କରାଯିବା, ଆମେରିକା ଦ୍ୱାରା ବାଣିଜ୍ୟ ଶୁଳ୍କ ଲଗାଯିବା. ୟୁରୋପର ରାଷ୍ଟ୍ରଗୁଡିକ ରୁଷିଆର ତୈଳ ବିକ୍ରିକୁ ଭିନ୍ନ ଦୃଷ୍ଟିରେ ଦେଖିବା, ନାଟୋ ମେଣ୍ଟର ରାଷ୍ଟ୍ରଗୁଡିକ ରୁଷିଆର ବାଣିଜ୍ୟକୁ ୟୁକ୍ରେନ ଯୁଦ୍ଧ ସହ ଯୋଡିବା ଯୋଗୁ ବିଶ୍ୱରେ ଆର୍ଥିକ ଅସ୍ଥିରତା ଦେଖାଦେଇଛି। କୋରୋନା ପରେ ଅର୍ଥନୀତିକୁ ସଜାଡିବା ପାଇଁ ପ୍ରୟାସରେ ଦେଶଗୁଡିକ ଦୀର୍ଘ ସମୟ ଧରି ୟୁକ୍ରେନ-ରୁଷିଆ ଏବଂ ଇରାନ-ଇସ୍ରାଏଲ-ଆମେରିକାର ଯୁଦ୍ଧ, ଇସ୍ରାଏଲ-ପାଲେଷ୍ଟାଇନ-ଲେବାନନ ଯୁଦ୍ଧ, ୟେମେନ-ସାଉଦି ଆରବ ଯୁଦ୍ଧ, ସିରିଆରେ ବହୁରାଷ୍ଟ୍ରର ଯୁଦ୍ଧ ଯୋଗୁ ବିଶେଷ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ତେଣୁ ଅନେକ ବିକାଶଶୀଳ ଏବେ ସ୍ୱାଭିମାନୀ ରାଷ୍ଟ୍ର ନିଜସ୍ୱ ଉତ୍ପାଦନକୁ ବୃଦ୍ଧିକରି ଆମଦାନୀକୁ ହ୍ରାସ କରିବା ଉପରେ ଏବେ ଜୋର ଦେବାକୁ ଲାଗିଲେଣି ଯେମିତିକି ଜାପାନ ଦୀର୍ଘ ଅଶୀ ବର୍ଷ ପରେ ନିଜର ଆତ୍ମରକ୍ଷା ନୀତିକୁ ଜୋରଦେଇ ଆମେରିକା ସହଯୋଗରେ ସୁରକ୍ଷା ବଳୟରୁ ହଟି ନିଜସ୍ୱ ସେନାସଂଖ୍ୟା ବୃଦ୍ଧି ସହ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଉପରେ ଜୋରଦେବାପାଇଁ ବିଦେଶନୀତିରେ ପରିବର୍ତ୍ତନ ଆଣିଛି। ଏହାର ସୁଯୋଗ ନେବାପାଇଁ ଭାରତ ଜାପାନକୁ ନିମନ୍ତ୍ରଣ କରି ନିଜ ଦେଶରେ ଜାପାନୀ ଅସ୍ତ୍ର ନିର୍ମାଣର ସୁଯୋଗ ଦେବାକୁ କହିଛି। ଜାପାନର ଶ୍ରମିକ ସଂଖ୍ୟା ହ୍ରାସ ଯୋଗୁ ସେଠାକାର କମ୍ପାନୀ ଭାରତକୁ ଦ୍ୱିତୀୟ ନିର୍ମାଣ ସ୍ଥଳୀ ଭାବେ ବାଛିବାକୁ ରହୁଁଛନ୍ତି। ଏ ଦିଗରେ ହୋଣ୍ଡା, ସୁଜୁକୀ ଆଦି କମ୍ପାନୀ ସଫଳ ମଧ୍ୟ ହୋଇଛନ୍ତି। ଯେମିତି ଭାରତରେ ବୁଲେଟ ଟ୍ରେନ ନିର୍ମାଣ, ଉଭୟ ଜଳ ଓ ସ୍ଥଳରେ ଅବତରଣ କରିପାରୁଥିବା ଜାପାନୀ ବିମାନର ଭାରତରେ ନିର୍ମାଣ ଉପରେ ଭାରତ ଜୋର ଦେଉଛି, ଯାହା ଭାରତର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ। ସେହିପରି ଅଷ୍ଟ୍ରେଲିଆର ଖଣିଜ ସଂପଦ, ନିଉଜିଲାଣ୍ଡର କୃଷି ଓ ପଶୁପାଳନ, ସ୍ୱିଜରଲାଣ୍ଡର ଟେକ୍‌ନୋଲୋଜୀ, ୟୁରୋପୀୟ ରାଷ୍ଟ୍ରଗୁଡିକରେ ବିଦେଶୀ ପ୍ରକଳ୍ପରେ ନିବେଶ ପାଇଁ ରହିଥିବା ସ୍ୱାଧୀନ ପାଣ୍ଠି ଉପରେ ଭାରତ ସରକାର ଦୃଷ୍ଟି ରଖି କାର୍ଯ୍ୟ କରୁଛନ୍ତି।

ଏହାଛଡା ଭାରତର ଶତ୍ରୁ ରାଷ୍ଟ୍ର ଗୋଷ୍ଠୀ ପାକ୍-ଚୀନ ଏବଂ ତୁର୍କୀ- ଆଜରବୈଜାନ ଏବଂ ପାକିସ୍ଥାନର ଭାରତ ବିରୋଧୀ ଷଡଯନ୍ତ୍ରକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ସେଠାକାର ଦୁର୍ବଳ ନାଡୀଗୁଡିକୁ ଭାରତ ସରକାର ଚିପିବାରେ ଲାଗିଛନ୍ତି। ତେଣୁ ଚୀନର ନାଲି ଆଖି ଯୋଗୁ ଦକ୍ଷିଣ ଚୀନ ସାଗର ନିକଟସ୍ଥ ରାଷ୍ଟ୍ର ଇଣ୍ଡୋନେସିଆ, ଭିଏତନାମ, ଫିଲିପାଇନ୍ସ ସମେତ ଜାପାନ ଏବଂ ତାଇୱାନ ଆଦି ରାଷ୍ଟ୍ର ସହ ବ୍ୟାପାରିକ ସଂପର୍କ ସୁଦୃଢ କରିବାକୁ ଭାରତ ସରକାର ଉଦ୍ୟମ କରୁଛନ୍ତି। ଏହିକ୍ରମରେ ଫିଲିପାଇନ୍ସ, ଭିଏତନାମ ଏବଂ ଇଣ୍ଡୋନେସିଆକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଶକ୍ତିଶାଳୀ କରାଯାଉଥିବା ସମୟରେ ଆଫଗାନିସ୍ଥାନ ପରି ରାଷ୍ଟ୍ରକୁ ଆବଶ୍ୟକ ଖାଦ୍ୟସାମଗ୍ରୀ, ଔଷଧ, କୃଷିବିଜ୍ଞାନ ସହ ଆନ୍ତର୍ଜାତିକ କ୍ଷେତ୍ରରେ କୂଟନୀତିକ ସହାୟତା ପ୍ରଦାନ କରାଯାଉଛି। ଠିକ୍ ସେହିପରି ତୁର୍କୀ-ଆଜରବୈଜାନ-ପାକିସ୍ଥାନୀ ମେଣ୍ଟ ଯୋଗୁ ଆର୍ମେନିଆ, ଗ୍ରୀସ,ସାଇପ୍ରସ ଓ ପର୍ତ୍ତୁଗାଲ ପରି ଦେଶ ସଙ୍କଟରେ ଥିଲାବେଳେ ଭାରତ ସେହି କ୍ଷେତ୍ରରେ ନିଜର ଶକ୍ତି ବୃଦ୍ଧି ପାଇଁ ଏହିସବୁ ରାଷ୍ଟ୍ରକୁ ଇସ୍ରାଏଲ ସହ ଯୋଡି ନୂତନ ମେଣ୍ଟ ଗଠନ ପାଇଁ ପ୍ରୟାସ ଚଳାଇଛି। ଆର୍ମେନିଆ ସମେତ ଅନ୍ୟ ରାଷ୍ଟ୍ରଗୁଡିକରେ ବନ୍ଦର ନିର୍ମାଣ, ଅସ୍ତ୍ରଶସ୍ତ୍ର ଯୋଗାଣ, ବାଣିଜ୍ୟରେ ସହଯୋଗ, ଶିକ୍ଷା, ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ଗବେଷଣା ଏବଂ ସହଯୋଗ ବୃଦ୍ଧି, ଚିକିତ୍ସା ଏବଂ ଶ୍ରମଶକ୍ତି ଯୋଗାଣ କ୍ଷେତ୍ରରେ କାର୍ଯ୍ୟକରିବା ପାଇଁ ପ୍ରୟାସ ଜାରି ରଖିଛି। ଫଳସ୍ୱରୂପ ବାରମ୍ବାର ଯୁଦ୍ଧର ସମ୍ମୁଖୀନ ହେଉଥିବା ଇସ୍ରାଏଲ ଏବେ ନିଜର ଆବଶ୍ୟକତାକୁ ପୂରଣ କରିବାପାଇଁ ଭାରତରେ ନିଜର କ୍ଷେପଣାସ୍ତ୍ର ନିର୍ମାଣ କରି ଇସ୍ରାଏଲକୁ ନେବାପାଇଁ ପ୍ରୟାସ ଚଳାଇଛି। ସେହିପରି ଆମେରିକାର ଆର୍ଥିକ ଧମକକୁ ଆଗାମୀ ଦିନରେ ଦୁର୍ବଳ କରିବା ପାଇଁ ଏବେଠାରୁ ବହୁ ରାଷ୍ଟ୍ର ସହ ୟୁପିଆଇକୁ ଯୋଡିବା ଏବଂ ଦେଣନେଣ ପାଇଁ ଡିଜିଟାଲ ମୁଦ୍ରା ଉପରେ ଜୋର ଦେବାକୁ ବ୍ରିକ୍ସର ଉଦ୍ୟମରେ ଭାରତ ସାମିଲ ହୋଇଛି। ଦୀର୍ଘବର୍ଷ ଧରି ଭାରତର ବାହାରେ ପଡିରହିଥିବା ସୁନାକୁ ସରକାର ପର୍ଯ୍ୟାୟକ୍ରମେ ଭାରତକୁ ଫେରାଇ ଆଣିବାପାଇଁ ଲାଗିପଡିଛନ୍ତି। ଯେଉଁ ଦେଶଗୁଡିକରେ ଭାରତର ଶତ୍ରୁରାଷ୍ଟ୍ର ପାକ୍ -ବଙ୍ଗଳାଦେଶର ଅଧିକ ବାଣିଜ୍ୟ ରହିଛି, ସେହିସବୁ ଦେଶ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ସେଠାରେ ଶତ୍ରୁ ରାଷ୍ଟ୍ରମାନଙ୍କର ବଜାରରେ ପ୍ରବେଶକୁ ସଂକୁଚିତ କରିବା ପାଇଁ ଭାରତ ପକ୍ଷରୁ ଚେଷ୍ଟା ଜାରିରହିଛି।

ଗୋଟିଏ ପଟେ ଦେଶରେ ଆର୍ଥିକ, ରାଜନୈତିକ, ସାମରିକ, ଶିଳ୍ପଗତ ସ୍ଥିତିକୁ ସୁଦୃଢ କରିବାକୁ ସରକାର ଜୋର ଦେବାବେଳେ ଅପରପକ୍ଷେ ବିଦେଶରେ ସହଯୋଗୀ ରାଷ୍ଟ୍ରଗୁଡିକର ଆବଶ୍ୟକତା ପୂରଣ ପାଇଁ ଗୁରୁତ୍ୱ ଦେଉଛନ୍ତି। ବିଶ୍ୱମଞ୍ଚରେ ଭାରତର ସ୍ଥିତିକୁ ସୁଦୃଢ କରିବା ପାଇଁ ବିଦେଶନୀତିକୁ ଆବଶ୍ୟକ ମୁତାବକ ପରିବର୍ତ୍ତନ କରାଯାଉଛି। କୂଟନୀତିକ କ୍ଷେତ୍ରରେ ଦେଶର ସ୍ଥିତିକୁ ମଜଭୁତ କରିବାକୁ ଆମେରିକା ଏବଂ ପାଶ୍ଚାତ୍ୟ ଜଗତକୁ ରୋକଠୋକ୍ ଶବ୍ଦରେ ଉତ୍ତର ପ୍ରଦାନ କରାଯାଉଛି। ସେମାନଙ୍କ ସ୍ୱାର୍ଥପର ନୀତିକୁ ସମାଲୋଚନା କରାଯାଉଛି। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଦେଶ ସହ ଭଲ ସଂପର୍କ ରକ୍ଷାକରି ସେମାନଙ୍କ ସମର୍ଥନ ବିଶ୍ୱମଞ୍ଚରେ ସଂଗ୍ରହ କରାଯାଉଛି। ସେମାନଙ୍କ ବିକାଶପାଇଁ ମଧ୍ୟ ଭାରତ ଆର୍ଥିକ, ସାମରିକ, ବୈଷୟିକ ସହାୟତା ଯୋଗାଇ ଦେଉଛି। ତେଣୁ ଭାରତ ଆଜି ଗୋଟିଏ ଦୁଇଟି ଅଥବା ଅଳ୍ପ କିଛି ଦେଶ ମଧ୍ୟରେ ନିଜକୁ ସୀମିତ ନକରି ଛୋଟ-ବଡ ଅନେକ ରାଷ୍ଟ୍ରସହ ନିଜକୁ ଯୋଡି ବିକଳ୍ପ ବ୍ୟବସ୍ଥା ନିର୍ମାଣ ପାଇଁ ଅନେକ ସମୟରେ ଯୁକ୍ତି ବାଢୁଛି, ଯାହାକୁ ଅନେକ ପସନ୍ଦ ମଧ୍ୟ କରୁଛନ୍ତି। ଏକବିଂଶ ଶତାବ୍ଦୀରେ ଆମେରିକା ଏବଂ ରୁଷିଆ କ୍ରମଶଃ ରାଜନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହେବାକୁ ଲାଗିଥିବା ସ୍ଥଳେ ଚୀନ ଏବଂ ଭାରତ ପାଇଁ ବିକଳ୍ପ ଶକ୍ତି ଭାବେ ବିଶ୍ୱରେ ମୁଣ୍ଡଟେକିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଚୀନ ଏହାର ସୁଯୋଗକୁ ତ୍ୱରିତ କରି ଅଧିକ ସଫଳ ହେବାକୁ ସକ୍ଷମ ହୋଇଛି। ଭାରତ ଏହି ସୁଯୋଗକୁ ଉପଯୋଗ କରିବାରେ ଯଥେଷ୍ଟ ସମୟ ନେବା ଯୋଗୁ ବିକାଶର ଦୌଡରେ ଚୀନର ପଛରେ ରହିଛି। ବାଣିଜ୍ୟିକ ପରିବହନ ଜାହାଜ, ସାମରିକ ପରିବହନ ବିମାନ, ଗଭୀର ବନ୍ଦର ନିର୍ମାଣ, ସେମିକଣ୍ଡକ୍ଟର ନିର୍ମାଣ ଯାହା ଚିକିତ୍ସା ଯନ୍ତ୍ରପାତି ଏବଂ ଉପକରଣ ନିର୍ମାଣ ପରି ଅନେକ କ୍ଷେତ୍ର ରହିଛି ଯେଉଁଠି ପୂର୍ବରୁ ଶୂନ୍ୟ ଉତ୍ପାଦନ ରହିଥିଲା ଯାହା ଏବେ ଆରମ୍ଭ ହୋଇଛି। ସବୁକ୍ଷେତ୍ରରେ ନିଜକୁ ବିକଳ୍ପ କରି ଗଢିତୋଳିବା ସହ ଆବଶ୍ୟକ ବିକଳ୍ପର ସୁଯୋଗଗୁଡିକୁ ଠିକଣା ଭାବେ ଉପଯୋଗ କରିବାକୁ ଭାରତ ଅଧିକ ଜୋରଦେବା ଦରକାର।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩



## ଆଉ ଏକ ବିଶ୍ୱଯୁଦ୍ଧ ମୁହାଁ ହେବାରେ ଲାଗିଛି ବିଶ୍ୱ
# ଇସ୍ରାଏଲ ଏବଂ ୟୁକ୍ରେନ ଏବେ ଏକାଠି ଲଢ଼ିବା ସମ୍ଭାବନା ଘନେଇଲା

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):**ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟ ଉତ୍ତେଜନା ଧୀରେଧୀରେ ଜଡ଼ିତ ହେବାରେ ଲାଗିଛି, ଯାହା ବିଶ୍ୱ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି। ୱାସିଂଟନରେ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ବହୁ କୂଟନୈତିକ କଳ୍ପନାଜଳ୍ପନା ସୃଷ୍ଟି କରିଛି। ଉଭୟ ନେତା ସ୍ୱର୍ଗତ ଆମେରିକୀୟ ସେନେଟର ଲିଣ୍ଡସେ ଗ୍ରାହାମଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବାକୁ ଆସିଥିଲେ, ଯିଏ ରୁଷ ଏବଂ ଇରାନ ଉଭୟ ପ୍ରତି କଠୋର ମନୋଭାବ ପାଇଁ ଜଣାଶୁଣା ଥିଲେ। ଇତିହାସକାର ଏବଂ ବିଶେଷଜ୍ଞମାନଙ୍କ ଅନୁସାରେ ବର୍ତ୍ତମାନର ବିଶ୍ୱ ଦୃଶ୍ୟପଟ ୧୯୧୪ର ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବର ପରିସ୍ଥିତିକୁ ମନେ ପକାଇ ଦେଉଛି। ସେତେବେଳେ ଆଞ୍ଚଳିକ ଉତ୍ତେଜନାର ମିଶି ପରେ ଏକ ଭୟଙ୍କର ଯୁଦ୍ଧରେ ପରିଣତ ହୋଇଥିଲା। ସମ୍ପ୍ରତି ସମାନ ବିପଦ ଦେଖାଯାଉଛି। ୱାସିଂଟନରେ ହୋଇଥିବା ଏହି ବୈଠକ ହ୍ୱାଇଟ୍ ହାଉସକୁ ଦୁଇଟି ଯୁଦ୍ଧର କେନ୍ଦ୍ରରେ ରଖିଛି। ଦୁଇଯୁଦ୍ଧ ଏବେ ରଣନୈତିକ ଭାବରେ ଜଡ଼ିତ ହେଉଥିବା ମନେହେଉଛି।ୱାସିଂଟନରେ ଜେଲେନସ୍କି-ନେତାନ୍ୟାହୁଙ୍କ ବୈଠକ ନେଇ ବିଶ୍ୱବ୍ୟାପୀ ଆଲୋଡନ ଉତ୍ତେଜନା ବିଶ୍ୱର ସର୍ବବୃହତ ଅନ୍ତର୍ଦ୍ଦେଶୀୟଜଳକ୍ଷେତ୍ର କାସ୍ପିଆନ ସାଗର ପର୍ଯ୍ୟନ୍ତ ପହଞ୍ଚିଛି। ରାଷ୍ଟ୍ରପତି ଜେଲେନସ୍କି ଦାବି କରିଛନ୍ତି ଯେ ୟୁକ୍ରେନୀୟ ସେନା ରୁଷ ପାଇଁ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଘାତକ ସାମରିକ ଉପକରଣ ବହନ କରୁଥିବା ଇରାନୀ ଜାହାଜଗୁଡ଼ିକୁ ସଫଳତାର ସହ ଟାର୍ଗେଟ କରିଛି।ୟୁକ୍ରେନୀୟ ସୁରକ୍ଷା ସେବା ଅନୁଯାୟୀ, ଏହି ଆକ୍ରମଣଗୁଡ଼ିକ ରୁଷର ସାମରିକ ଯୋଗାଣ ଶୃଙ୍ଖଳାକୁ ବାଧା ଦେବା ପାଇଁ କରାଯାଇଥିଲା। ତେବେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏହି ଦାବିଗୁଡ଼ିକୁ ଖଣ୍ଡନ କରି ୟୁକ୍ରେନ ଉପରେ ଏକ ସାଧାରଣ ଜାହାଜ ଉପରେ ଆକ୍ରମଣ କରି ଜଣେ ନାବିକଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଇରାନ ଚେତାବନୀ ଦେଇଥିଲା ଯେ, ଏହି ଦୁଃସାହସର ପ୍ରତିଶୋଧମୂଳକ ଜବାବ ଦିଆଯିବ।୨୦୨୨ ମସିହାରୁ ରୁଷକୁ ଶାହିଦ୍ ଡ୍ରୋନ୍ ଏବଂ ଅନ୍ୟାନ୍ୟ ସାମରିକ ପ୍ରଯୁକ୍ତିବିଦ୍ୟା ଯୋଗାଇ ଇରାନ ସଂଘର୍ଷରେ ସାମିଲ ହୋଇଥିବା ୟୁକ୍ରେନ ସ୍ପଷ୍ଟ ଭାବରେ ଅଭିଯୋଗ କରିଛି। ୟୁକ୍ରେନ ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିହା କହିଛନ୍ତି ଯେ, ତେହେରାନ୍ ଆଉ ନିଜକୁ ପୀଡିତ ହେଉଥିବାର ଅଭିନୟ ବିଶ୍ୱ ସମ୍ମୁଖରେ କରିପାରିବ ନାହିଁ।ବିଶ୍ଳେଷକମାନଙ୍କ ଅନୁସାରେ, ରୁଷ ଏବଂ ଇରାନ ମଧ୍ୟରେ ବଢ଼ୁଥିବା ସାମରିକ ସହଭାଗୀତା ୟୁରୋପ ଏବଂ ପଶ୍ଚିମ ଏସିଆର ଯୁଦ୍ଧ ଅନ୍ୟ ଦେଶକୁ ଟାଣି ଆଣିଛି। ଜେଲେନସ୍କି ଏବେ ଆମେରିକାକୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି ଯେ ୟୁକ୍ରେନକୁ ସାମରିକ ସହାୟତା କରିବା ମଧ୍ୟ ଇରାନର ଆଞ୍ଚଳିକ ନେଟୱାର୍କକୁ ଦୁର୍ବଳ କରିବାର ଏକ ପ୍ରଭାବଶାଳୀ ଉପାୟ।ତେବେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ କୂଟନୈତିକ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି। ଜେଲେନସ୍କି ଦାବି କରିଛନ୍ତି ଯେ ରୁଷ ସାଟେଲାଇଟ୍ ଗୁପ୍ତଚର ମାଧ୍ୟମରେ ଇରାନକୁ ଆମେରିକୀୟ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବାରେ ସାହାଯ୍ୟ କରିଛି, ଯାହା ପରେ ଟ୍ରମ୍ପ କହିଛନ୍ତି ଯେ, ସେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଏନେଇ ସିଧାସଳଖ କଥା ହେବେ।ଟ୍ରମ୍ପ ବର୍ତ୍ତମାନ ଏହି ଅଭିଯୋଗ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି, କହିଛନ୍ତି ଯେ. ସେ ବିଶ୍ୱାସ କରନ୍ତି ନାହିଁ, ରୁଷ ଏତେ ଉଚ୍ଚ ସ୍ତରରେ ଏପରି କାର୍ଯ୍ୟକଳାପରେ ଜଡ଼ିତ ରହିଛି। ଆମେରିକା ପ୍ରଶାସନର ଏହି ପ୍ରତିକ୍ରିୟା ଦର୍ଶାଉଛି ଯେ, ୱାସିଂଟନ କେବଳ ନିଜସ୍ୱ ବୁଦ୍ଧିମତ୍ତା ଆଧାରରେ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଯେକୌଣସି ବଡ଼ ନିଷ୍ପତ୍ତି ନେବାକୁ ଚାହୁଁଛି।

# ରାହୁଲ ଗାନ୍ଧୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ କଡ଼ା ଜବାବ

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):**କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବୟାନ ଉପରେ ଉପରେ କଡ଼ା ଜବାବ ଦେଇଛନ୍ତି । ସଂସଦରେ ରାହୁଲ ଗାନ୍ଧୀ ବ୍ୟବହାର କରିଥିବା 'ଇଡିଅଟ୍' ଶବ୍ଦକୁ ନେଇ ହଙ୍ଗାମା ହୋଇଥିଲା । ଏହା ଉପରେ ବିତର୍କରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, 'ଯଦି କେହି ନିଜକୁ ଇଡିଅଟ୍ ବୋଲି ମନେ କରନ୍ତି, ତଥାପି ସେ ସଂସଦ ଭିତରେ ଏହା କହିପାରିବେ ନାହିଁ ।ଲାଇଭ୍ ହିନ୍ଦୁସ୍ତାନର ରିପୋର୍ଟ ଅନୁଯାୟୀ, ଲୋକସଭାରେ ବିତର୍କ ବେଳେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ, 'ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ବିରୋଧୀ ଦଳ ନେତାଙ୍କୁ ମୌଳିକ ସଂସଦୀୟ ନିୟମ ବିଷୟରେ ଜ୍ଞାନ ନାହିଁ ।' ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପରେ ରାହୁଲ ଗାନ୍ଧୀ ଆଣିଥିବା ଅଭିଯୋଗର ଉତ୍ତର ଦେଇ ଜିତେନ୍ଦ୍ର ସିଂହ କହିଛନ୍ତି ଯେ, ଗୁଳି ଚଳାଇବା ପାଇଁ କୌଣସି ମନ୍ତ୍ରୀ ନୁହେଁ, ବରଂ ମାଜିଷ୍ଟ୍ରେଟ୍ ଆଦେଶ ଦିଅନ୍ତି । ଏହାସହ ସ୍ପଷ୍ଟ କରିଥିଲେ, ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଳାଯାଇ ନଥିଲା, କେବଳ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିଲା ।ସେ ଆହୁରି କହିଥିଲେ, 'ଜୁଲାଇ ୨୧ରେ ବିରୋଧୀ ଦଳ ନେତା କ'ଣ ଭାବି ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ



ଧାରଣାରେ ବସିପଡ଼ିଲେ ଜଣାନାହିଁ । ମୋ ବିଭାଗ ଗବେଷଣା ସହ ଜଡ଼ିତ, ତେଣୁ ଅଧ୍ୟୟନ କଲା ପରେ ଲାଗିଲା ଯେ ଅନେକ ଦିନରୁ ତାଙ୍କୁ ଲାଗୁଥିଲା ଦେଶ ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ବାଛି ପ୍ରଧାନମନ୍ତ୍ରୀ ବାସଭବନରେ ବସାଇବ । କିନ୍ତୁ ସେହି ଆଶା ପୂରଣ ନହେବାରୁ ନିରାଶ ହୋଇ ସେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଦ୍ୱାରମୁହଁରେ ବସିପଡ଼ିଲେ । ଯେତେବେଳେ ବୁଝାଇବାକୁ ଚେଷ୍ଟା କରାଗଲା ଯେ ଏହା ଆପଣଙ୍କୁ ଶୋଭା ଦେଉନାହିଁ, ସେତେବେଳେ ସେ କହିଲେ ମୋତେ ଉଠାଇ ନିଆଯାଉ । ପୋଲିସକୁ ତାଙ୍କୁ ଅନୁରୋଧ କରିବାକୁ ପଡ଼ିଥିଲା ଯେ ସେଠାରୁ ହଟିଯାଆନ୍ତୁ ।ଲୋକସଭାରେ କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି, 'କୌଣସି ଗୁଳି ଚାଳନା କରାଯାଇ ନାହିଁ, କେବଳ ଲୁହବୁହା ଗ୍ୟାସ୍ ବ୍ୟବହାର କରାଯାଇଥିଲା । ଯେହେତୁ ଗୁଳି ଚାଳନା ହୋଇନାହିଁ, ଆଦେଶ ଦେବାର ପ୍ରଶ୍ନ ହିଁ ଉଠୁନାହିଁ । ଏପରି ଆଦେଶ ଦେବାର ଅଧିକାର ମାଜିଷ୍ଟ୍ରେଟଙ୍କ ପାଖରେ ଥାଏ, ମନ୍ତ୍ରୀଙ୍କ ପାଖରେ ନୁହେଁ ।'

## କୃଷକ ନେତା ଟିକାଏତଙ୍କୁ ଭେଟିଲେ ସିଜେପି ମୁଖପାତ୍ର

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):** କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍?ଡିଏ ସରକାରଙ୍କୁ ସବୁଆଡୁ ? ଘେରିବାକୁ କକ୍‌ରୋଚ ଜନତା ପାର୍ଟି (ସିଜେପି) ଓ କୃଷକ ନେତା ରାକେଶ ଟିକାଏତ ଯୋଜନା କରୁଛନ୍ତି। ସିଜେପି ପ୍ରବକ୍ତା ଆଶୁତୋଷ ରାଙ୍କା ଓ ଟିକାଏତ ମଙ୍ଗଳବାର ଭେଟିଛନ୍ତି। ରାଙ୍କା କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରକୁ ଚାରି ଆଡୁ ଘେରିବାକୁ ସିଜେପି ନେତୃତ୍ୱରେ ଯୁବ ଓ ଛାତ୍ର ଏବଂ ଟିକାଏତଙ୍କ ନେତୃତ୍ୱରେ କୃଷକ ଏକତ୍ର ହେବାକୁ ଆଶା କରାଯାଉଛି।ବୈଠକରେ ରାଙ୍କା ଓ ଅନେକ ସିଜେପି ନେତା, ଟିକାଏତ ଓ ଭାରତୀୟ କିଷାନ ୟୁନିଅନ (ବିକେୟୁ)ର ସଦସ୍ୟମାନେ ଯୋଗ ଦେଇଥିଲେ। ସିଜେପି ଅନୁଯାୟୀ, କୃଷକ, ଛାତ୍ର ଓ ଯୁବକମାନଙ୍କୁ ଏକ ସାଧାରଣ ମଞ୍ଚରେ ଏକାଠି କରିବା ପାଇଁ ଭବିଷ୍ୟତର ରଣନୀତି ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ରାଙ୍କା କହିଛନ୍ତି ଯେ, ସଂଗଠନ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ଏକ ବ୍ୟାପକ ମୋର୍ଚ୍ଚା ଗଠନ କରିବାକୁ ଆଶା କରୁଛି।ଶନିବାର ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ସିଜେପି ୩୬ ଦିନ ଆନ୍ଦୋଳନ କରିବା ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଏହା ଶିକ୍ଷା ସମ୍ବନ୍ଧୀୟ ଦାବି ସହିତ ଚାଷୀ ଓ ଯୁବପିଢ଼ିଙ୍କୁ ପ୍ରଭାବିତ କରୁଥିବା ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହାର ଅଭିଯାନକୁ ବ୍ୟାପକ କରିବାକୁ ଚାହୁଁଛି। ସିଜେପି ଅଭିଯୋଗ କରିଛି ଯେ, ଛାତ୍ର ପ୍ରତିବାଦ ସମୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇନାହିଁ। ଏହା ଦାବି କରିଛି ଯେ, ଅନେକ ରାଜ୍ୟରେ ଛାତ୍ରମାନେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଛନ୍ତି। ବିହାର ଓ ପଶ୍ଚିମବଙ୍ଗରେ ପ୍ରତିବାଦକାରୀଙ୍କ ବିରୋଧ ?ରେ ମାମଲା ରୁଜୁ ହୋଇଥିବାବେଳେ ରାଜସ୍ଥାନ ଭଳି ରାଜ୍ୟରେ ଛାତ୍ରମାନଙ୍କ ବିରୋଧରେ ଏତଲା ରୁଜୁ କରାଯାଉଛି ବୋଲି ସିଜେପି କହିଛି। ଛାତ୍ରମାନଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରିବା ପାଇଁ ସିଜେପି ନେତାମାନେ ଟିକାଏତଙ୍କ ସମର୍ଥନ ମଧ୍ୟ ଲୋଡ଼ିଥିଲେ। ସଂଗଠନ ଚେତାବନୀ ଦେଇଛି ଯେ, ସରକାର ଯଦି ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ଏହା କୃଷକ ସଂଗଠନ ଓ ଯୁବ ଗୋଷ୍ଠୀଙ୍କ ସହଯୋଗରେ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ।

# ପ୍ରହଲ୍ଲାଦ ଯୋଶୀ ଜଣେ ମହିଳା ବିରୋଧୀ, ମୁଁ ଯାହା କହିଛି ତା'ର ପ୍ରମାଣ ଅଛି, ପଛଘୁଞ୍ଚା ଦେବିନି

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):**ସଂସଦର ମୌସୁମୀ ଅଧିବେଶନରେ 'ପରୀକ୍ଷା ସଂଶୋଧନ ବିଲ'କୁ ନେଇ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି । ବିଲ୍ ଉପରେ ଆଲୋଚନା ବେଳେ ପ୍ରିୟଙ୍କା ଅଭିଯୋଗ କରି କହିଥିଲେ ଯେ, ବିଲକିସ୍ ବାନୋ ଗଣଦୁଷ୍କର୍ମ ମାମଲାର ଦୋଷୀମାନଙ୍କ ମୁକ୍ତିକୁ ପ୍ରହଲ୍ଲାଦ ଯୋଶୀ ସମର୍ଥନ କରିଥିଲେ । ଏପରି ବ୍ୟକ୍ତିଙ୍କୁ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ଦେବା ଦେଶର ଯୁବପିଢ଼ି ଓ ମହିଳାଙ୍କ ପାଇଁ ଠିକ୍ ସନ୍ଦେଶ ନୁହେଁ ବୋଲି ସେ କହିଥିଲେ ।ପ୍ରିୟଙ୍କାଙ୍କ ଏହି ମନ୍ତବ୍ୟ ପରେ ଲୋକସଭାରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ବିଜେପି ସାଂସଦମାନେ ଏହାକୁ କଡ଼ା ବିରୋଧ କରିଥିଲେ । ଏହାର ଜବାବରେ ପ୍ରହଲ୍ଲାଦ ଯୋଶୀ ପ୍ରିୟଙ୍କାଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିବା ସହ ଦାବି କରିଥିଲେ ଯେ ସେ ନିଜ ଅଭିଯୋଗର ପ୍ରମାଣ ଦିଅନ୍ତୁ, ନଚେତ୍ ସଂସଦରେ କ୍ଷମା ପ୍ରାର୍ଥନା କରନ୍ତୁ । ସଂସଦୀୟ ବ୍ୟାପାରମନ୍ତ୍ରୀ କିରେନ ରିଜିଜୁ ମଧ୍ୟ ପ୍ରିୟଙ୍କାଙ୍କ ବୟାନକୁ ଜଣେ ମନ୍ତ୍ରୀଙ୍କୁ ବଦନାମ କରିବାର ପ୍ରୟାସ ବୋଲି କହିଥିଲେ । ସରକାର ପ୍ରିୟଙ୍କାଙ୍କ ବିବାଦୀୟ ମନ୍ତବ୍ୟକୁ ସଂସଦର ରେକର୍ଡରୁ ବାଦ୍ ଦେବାକୁ ଲୋକସଭା ବାଚସ୍ପତିଙ୍କ ନିକଟରେ ଦାବି କରିଛନ୍ତି । ଅନ୍ୟପକ୍ଷରେ, ସଂସଦ ବାହାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ପ୍ରିୟଙ୍କା ଗାନ୍ଧୀ ନିଜ ବୟାନରୁ ପଛକୁ ହଟିବାକୁ ମନା କରିଥିଲେ । ସେ କହିଥିଲେ, ମୁଁ ସତ କହିଛି । ଏହାର ଭିଡିଓ ପ୍ରମାଣ ମଧ୍ୟ ରହିଛି । ସତ କହିବା ପାଇଁ ଦଣ୍ଡ ମିଳିଲେ ବି ମୁଁ ପଛକୁ ହଟିବି ନାହିଁ ।ପ୍ରିୟଙ୍କା ଆହୁରି ଅଭିଯୋଗ କରିଥିଲେ ଯେ, ମାଙ୍ଗାଲୋର ପବ୍ ଆକ୍ରମଣ ଘଟଣାରେ ଜଡ଼ିତ ଜଣେ



ବ୍ୟକ୍ତିଙ୍କୁ ବିଜେପିରେ ସାମିଲ କରାଯାଇଥିଲା ଏବଂ ଏଥିରେ ପ୍ରହଲ୍ଲାଦ ଯୋଶୀଙ୍କ ଭୂମିକା ଥିବା ଦାବି କରିଥିଲେ। ବ୍ୟାପକ ବିରୋଧ ପରେ ସେହି ବ୍ୟକ୍ତିଙ୍କୁ କିଛି ଘଣ୍ଟା ମଧ୍ୟରେ ଦଳରୁ ବହିଷ୍କାର କରାଯାଇଥିଲେ ମଧ୍ୟ ଏହା ମହିଳାଙ୍କ ପ୍ରତି ଦଳର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ବୋଲି ପ୍ରିୟଙ୍କା କହିଛନ୍ତି ।ସୂଚନା ଯୋଗ୍ୟଯେ ୨୦୦୯ ମସିହା ଜାନୁଆରୀ ୨୪ ତାରିଖରେ କର୍ଣ୍ଣାଟକର ମାଙ୍ଗାଲୋର ସହରରେ ଘଟିଥିବା 'ମାଙ୍ଗାଲୋର ପବ୍ ଆକ୍ରମଣ' ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା । ସହରର 'ଅମ୍‌ନେସିଆ-ଦ ଲାଉଞ୍ଜ' ନାମକ ପବ୍ ?ରେ କିଛି ଯୁବକ ଓ ଯୁବତୀ ଥିବାବେଳେ ଶ୍ରୀ ରାମ ସେନା ସଂଗଠନ ସହ ଜଡ଼ିତ ପ୍ରାୟ ୪୦ ଜଣ କର୍ମୀ ସେଠାରେ ପଶି ହଠାତ୍ ଆକ୍ରମଣ କରିଥିଲେ । ଏହି ଘଟଣାରେ ପୁଲିସ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଦୀର୍ଘ ୯ ବର୍ଷ ଧରି ମାମଲା ଚାଲିବା ପରେ ୨୦୧୮ରେ ଅଦାଲତ ପ୍ରମାଣର ଅଭାବ ଦର୍ଶାଇ ପ୍ରମୋଦ ମୁଥାଲିକଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ । ଏହି ରାୟକୁ ନେଇ ମଧ୍ୟ ଦେଶବ୍ୟାପୀ ଚର୍ଚ୍ଚା ଓ ବିବାଦ ସୃଷ୍ଟି ହୋଇଥିଲା ।୨୩ ମାର୍ଚ୍ଚ ୨୦୧୪ରେ କର୍ଣ୍ଣାଟକର ହୁବ୍ଲିରେ ରାଜ୍ୟ ବିଜେପି ନେତୃତ୍ୱର ଉପସ୍ଥିତିରେ ପ୍ରମୋଦ ମୁଥାଲିକ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଥିଲେ । ସେତେବେଳେ ରାଜ୍ୟ ବିଜେପି ସଭାପତି ପ୍ରହ୍ଲାଦ ଜୋଶୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟର ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ । ଏହି ଘଟଣାରେ ପ୍ରିୟଙ୍କା ବର୍ତ୍ତମାନ ପ୍ରହ୍ଲାଦ ଯୋଶୀଙ୍କୁ ଟାର୍ଗେଟ କରିଛନ୍ତି ।

## ବାଲୁଚିସ୍ତାନରେ ପାକିସ୍ତାନର ବୋମା ବର୍ଷା

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):**ପାକିସ୍ତାନୀ ସେନା ପୁଣିଥରେ ଖୈବର ପଖତୁନଖ୍ୱା(କେପି) ଓ ବାଲୁଚିସ୍ତାନରେ ସାମରିକ କାର୍ଯ୍ୟାନୁଷ୍ଠାନ କରିଛି। ମଙ୍ଗଳବାର ଓ ବୁଧବାର ଏହି ଦୁଇ ପ୍ରଦେଶରେ ବୋମା ବର୍ଷା କରିଛି। ଯେଉଁଥିରେ ୩୨ ଜଣଙ୍କ ମୃତ୍ୟୁ ହୋଇଛି। ଶତାଧିକ ଆହତ ହୋଇଛନ୍ତି। ପାକିସ୍ତାନୀ ସେନା ମୃତଙ୍କୁ ଆତଙ୍କବାଦୀ ବୋଲି କହିଛି। ସେମାନେ ସେନା ବିରୋଧରେ ଷଡ଼ଯନ୍ତ୍ର କରୁଥିବା ଦାବି କରିଛି। ହେଲେ ପାକିସ୍ତାନର ଏପରି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ନିନ୍ଦା କରିଛନ୍ତି।ସ୍ଥାନୀୟ ଲୋକଙ୍କ ଅଭିଯୋଗ; ପାକିସ୍ତାନୀ ସେନା ସାଧାରଣ ଲୋକଙ୍କ ଉପରେ ବୋମା ମାଡ଼ କରିଛି। ଯେଉଁଥିରେ ନିରୀହ ଲୋକଙ୍କ ଜୀବନ ଯାଇଛି। ସ୍ଥାନୀୟ ଲୋକମାନେ ଏହାକୁ ବାଲୁଚ ଓ ପଶତୁନ୍ ଲୋକଙ୍କ ବିରୋଧରେ ଅତ୍ୟାଚାର ବୋଲି କହିଛନ୍ତି।ପାକିସ୍ତାନୀ ସେନାର ମିଡିଆ ୱିଙ୍ଗ ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେସନ୍ସ (ଆଇଏସ୍‌ପିଆର) ବୁଧବାର ଏକ ବୟାନ ଜାରି କରିଛି। ବୟାନରେ କୁହାଯାଇଛି, ସୁରକ୍ଷା ବାହିନୀ ଭାରତ ସମର୍ଥିତ ଫିତନା-ଅଲ-ଖୱାରିଜ୍ ଓ ଫିତନା-ଅଲ-ହିନ୍ଦୁସ୍ତାନର ନେଟୱାର୍କ ବିରୋଧରେ ଉଭୟ ପ୍ରଦେଶରେ ଅଭିଯାନ ଚଳାଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ଖୈବର ପଖ୍‌ତୁନଖ୍ୱା ଓ ବାଲୁଚିସ୍ତାନରେ ୩୨ ଜଣ ଆତଙ୍କବାଦୀଙ୍କୁ ନିହତ କରାଯାଇଛି।

## ଚୀନ୍‌ରେ ପୁଣି କାୟା ବିସ୍ତାର କରୁଛି କରୋନା

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):**ଚୀନ୍ ରେ ପୁଣି ଥରେ କରୋନା ଭାଇରସ ମହାମାରୀ ପ୍ରକୋପ କରିଛି। ହେଲେ ଏଥରର ପରିସ୍ଥିତି ୨୦୨୦ରେ ବୁହାନରୁ ଆରମ୍ଭ ହୋଇଥିବା ମହାମାରୀ ଭଳି ନାହିଁ। ଚୀନ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁସାରେ ସଂକ୍ରମଣ ଦ୍ରୁତ ବ୍ୟାପୁଛି, ହେଲେ ଅଧିକାଂଶଙ୍କ ଠାରେ ହାଲୁକା ଲକ୍ଷଣ ଦେଖାଯାଉଛି। ଗୁରୁତର ମାମଲା ସଂଖ୍ୟା ପ୍ରାୟ କମ୍। ଗତ ଜୁନ ମାସରେ ଚୀନ୍ ରେ ପାଖାପାଖି ୭୯ ହଜାର ଲୋକେ ସଂକ୍ରମିତ ମିଳିଥିଲେ। ଏଥିରୁ ମାତ୍ର ୧୩୦ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିଲା ଓ ଜଣଙ୍କର ମୃତ୍ୟୁ ହୋଇଛି ।ଚୀନ୍ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ (ଚୀନ୍ ସିଡିସି) ଅନୁସାରେ ଏବେ ଦେଶରେ ଓମିକ୍ରନ ଏନବି.୧.୮.୧ ଭାରିଆଣ୍ଟ ସବୁଠୁ ଅଧିକ ବ୍ୟାପୁଛି। ଏହା ଏବେ ମଧ୍ୟମ ସ୍ତରରେ ବ୍ୟାପୁଥିବା ବେଳେ ୧୩ରୁ ୧୯ ଜୁଲାଇ ମଧ୍ୟରେ କରୋନା ପରୀକ୍ଷଣର ପଜେଟିଭିଟି ହାର ୧୬.୩% ହୋଇଯାଇଛି। ଏହା ପୂର୍ବ ସପ୍ତାହରେ ଏହି ହାର ୧୨% ଆଖପାଖରେ ଥିଲା। ଅନ୍ୟପଟେ ଇନଫ୍ଲୁଏଞ୍ଜା ପଜେଟିଭିଟି ହାର ହ୍ରାସ ହୋଇ ୧୨.୬%କୁ କମି ଆସିଛି। ଅର୍ଥାତ ଚଳିତବର୍ଷ କରୋନା ଫ୍ଲୁଠାରୁ ଅଧିକ ବ୍ୟାପୁଥିବା ସଂକ୍ରମଣରେ ପରିଣତ ହୋଇଛି।

## ରୁଷରୁ ତୈଳ କିଣିଲେ ଭାରତର ଉପରେ ୧୦୦% ଶୁଳ୍କ ଲାଗୁ କରିବେ ଟ୍ରମ୍ପ!

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):**ଆମେରିକାର ସେନେଟ୍ ରୁଷ ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ପାଇଁ ଏକ ବିଲ୍ ପାସ୍ କରିଛି, ଯାହା ଭାରତ ସମେତ ଅନେକ ଦେଶକୁ ପ୍ରଭାବିତ କରିପାରେ। ସେନେଟ୍ ରୁଷକୁ ଟାର୍ଗେଟ କରି ଏକ ନୂତନ ପ୍ରତିବନ୍ଧକ ବିଲ୍‌କୁ ମଞ୍ଜୁର କରିଛି। ବିଲ୍ ସପକ୍ଷରେ ୮୬ ଭୋଟ୍ ଏବଂ ବିପକ୍ଷରେ ୧୨ ଭୋଟ୍ ପାଇଛି। ଯଦି ଆମେରିକା ଏହି ବିଲ୍ ପ୍ରଣୟନ କରେ, ତେବେ ଏହା ଭାରତ, ଚୀନ୍,ସ୍ଲୋଭାକିଆ, ଆଜରବାଇଜାନ ଏବଂ ହଙ୍ଗେରୀ ଭଳି ଦେଶଗୁଡ଼ିକ ଉପରେ ପ୍ରାୟ ନିଶ୍ଚିତ ଭାବରେ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବ।ତେବେ ଚୂଡ଼ାନ୍ତ ନିଷ୍ପତ୍ତି ଆମେରିକା ସରକାରଙ୍କ ଉପରେ ରହିବ। ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ମସ୍କୋ ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏହି ବିଲ୍ ଆଗତ କରିଛି। ଟ୍ରମ୍ପ ରୁଷରୁ ବହୁ ପରିମାଣରେ ତେଲ ଏବଂ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକୁ ଟାର୍ଗେଟ କରିବାକୁ ଚାହୁଁଛନ୍ତି। ସେ ନିଶ୍ଚିତ କରିବାକୁ ଚାହୁଁଛନ୍ତି ଯେ କେହି ରୁଷରୁ ତେଲ ଏବଂ ଗ୍ୟାସ୍ କିଣନ୍ତୁ ନାହିଁ।ଏହି ବିଲ୍ ଭାରତ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ ଗତ କିଛି ମାସ ମଧ୍ୟରେ ରୁଷରୁ ଭାରତ ଅଶୋଧିତ ତୈଳ ଆମଦାନି ବୃଦ୍ଧି କରିଛି। ଆମେରିକା-ଇରାନ ବିବାଦ ଯୋଗୁଁ ଉପସାଗରୀୟ ଦେଶଗୁଡ଼ିକରୁ ତୈଳ ଏବଂ ଗ୍ୟାସ୍ ଆମଦାନିରେ ଯଥେଷ୍ଟ ବାଧା ସୃଷ୍ଟି ହୋଇଛି। ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ଜାରି ରହିବା ଯୋଗୁଁ ଭାରତ ସହାୟତା ପାଇଁ ରୁଷ ପାଖକୁ ଯାଉଛି। ରିପୋର୍ଟ ଅନୁଯାୟୀ, ଆମେରିକୀୟ କଂଗ୍ରେସ ସଦସ୍ୟ ରିଚାର୍ଡ ବ୍ଲୁମେନ୍ଥଲ ପୂର୍ବରୁ ପରାମର୍ଶ ଦେଇଥିଲେ ଯେ ଯେଉଁ ଦେଶଗୁଡ଼ିକର ରୁଷ ଗ୍ୟାସ୍ କ୍ରୟ ରୁଷର ମୋଟ ଗ୍ୟାସ୍ ରପ୍ତାନିର ୧୫ ପ୍ରତିଶତରୁ କମ୍ ହେବ,ସେମାନଙ୍କୁ କିଛି ରିହାତି ଦିଆଯାଇପାରିବ। ତଥାପି, ଏହି ପ୍ରସ୍ତାବ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।ରୁଷରୁ ତେଲ କିଣିବା ପାଇଁ ଆମେରିକା ଭାରତକୁ ବାରମ୍ବାର ଶୁଳ୍କ ଲଗାଇବାକୁ ଧମକ ଦେଇଛି। ଦୁଇ ଦେଶ ମଧ୍ୟରେ ଉତ୍ତ ?ଜନା ଜାରି ରହିଥିଲା। ଅଗଷ୍ଟ ୨୦୨୫ରେ,ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ,ଯାହା ମୋଟ ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲା। ଏହି ନିଷ୍ପତ୍ତି ବାଣିଜ୍ୟକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିଥିଲା। ତେବେ ଚାଲିଥିବା ଯୁଦ୍ଧ ଯୋଗୁଁ,ପରବର୍ତ୍ତୀ ସମୟରେ ରୁଷ ତେଲ କ୍ରୟକୁ ଛାଡ କରାଯାଇଥିଲା।

## ଲୋକସଭାରେ ପେପର ଲିକ୍ ବିରୋଧୀ ବିଲ୍ ପାରିତ

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):** ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଲୋକସଭାରେ ପେପର ଲିକ୍ ବିରୋଧୀ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬କୁ ଧ୍ୱନିମତ ଦ୍ୱାରା ପାରିତ ହୋଇଛି। ପରେ ଗୁରୁବାର ଦିନ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବି ରଖାଯାଇଛି। ପୂର୍ବରୁ, ଗୃହରେ ଆଲୋଚନାର ଉତ୍ତର ଦେଇ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଥିଲେ ଯେ କକ୍ରୋଚ୍ ଜନତା ପାର୍ଟିର ପ୍ରତିବାଦ ସମୟରେ ପେଲେଟ୍ ଗନ୍ ବ୍ୟବହାର କରାଯାଇ ନଥିଲା। ସେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ।ଜିତେନ୍ଦ୍ର ସିଂହ କହିଥିଲେ, ଅଧିକାରୀମାନେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦିଅନ୍ତି, ସରକାର ନୁହେଁ। ଯଦି ପ୍ରତିବାଦ ସମୟରେ ଛାତ୍ରମାନଙ୍କ ଉପରେ କୌଣସି ଗୁଳି ଚାଳନା କରାଯାଇ ନଥିଲା, ତେବେ କିଏ ନିର୍ଦ୍ଦେଶ ଦେଇଥିଲା, ପଚାରିବାର ଅର୍ଥ କ'ଣ? ଗୁଳି ଚଳାଇବାକୁ ନିର୍ଦ୍ଦେଶ ମନ୍ତ୍ରୀ ନୁହେଁ, ମାଜିଷ୍ଟ୍ରେଟ ଦିଅନ୍ତି। ରାହୁଲ ଗାନ୍ଧୀ ତଥ୍ୟ ବିନା ମନ୍ତବ୍ୟ ଦେଉଛନ୍ତି। ସେ କହିଛନ୍ତି ଯେ ପ୍ରତିବାଦକାରୀଙ୍କ ବିରୋଧରେ କେବଳ ଲୁହ ବୁହା ଗ୍ୟାସ୍ ବ୍ୟବହାର କରାଯାଇଥିଲା।୨୧ ଜୁଲାଇରେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟରେ ବସିଥିଲେ। ପ୍ରଧାନମନ୍ତ୍ରୀ ହେବାର ତାଙ୍କର ମହତ୍ତ୍ୱାକାଂକ୍ଷା ଅପୂର୍ଣ୍ଣ ରହିଗଲା, ତେଣୁ ସେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ପାଖରେ ବସିବାକୁ ନିଷ୍ପତ୍ତି ନେଇଥିଲେ। ସେ ଲୋକସଭାରେ କହିଥିଲେ ଯେ ସେ ପ୍ରଥମେ ଆନ୍ଦୋଳନରେ ଯୋଗଦେବାକୁ ସଂକୋଚ କରିଥିଲେ, ଏହାକୁ ଆମ ଆଦମୀ ପାର୍ଟିର ଏକ ଅନ୍ଦୋଳନ ବୋଲି ଭାବୁଥିଲେ। କିନ୍ତୁ, ଯେତେବେଳେ ସେ ଅନୁଭବ କଲେ ଯେ ଆନ୍ଦୋଳନ ଗତିଶୀଳ ହେଉଛି, ସେ ଏଥିରେ ଯୋଗ ଦେଇଥିଲେ। ଯେତେବେଳେ ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟରୁ ଉଠାଇ ନିଆଯାଇଥିଲା, ସେ ଅପମାନିତ ହୋଇ ଚାଲିଯାଇଥିଲେ ବୋଲି କହି ଜିତେନ୍ଦ୍ର ସିଂ କଟାକ୍ଷ କରିଥିଲେ।

## ଗିରଫ କରାଯାଉ କି ଜେଲ୍‌ଦଣ୍ଡ ହେଉ ଅବା ଫାଶୀ ଦିଆଯାଉ କିନ୍ତୁ ମୁଁ ବାଂଲାଦେଶ ଫେରିବି

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):** ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ବୁଧବାର ଦିନ ପୁନର୍ବାର କହିଛନ୍ତି ଯେ, ସେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ତାଙ୍କ ଦେଶକୁ ଫେରିବେ। ତାଙ୍କୁ ଗିରଫ କରାଯାଉ କି ଜେଲ୍ ଦଣ୍ଡ ହେଉ ଅବା ଫାଶୀ ଦିଆଯାଉ କିନ୍ତୁ ସେ ଘରକୁ ଫେରିବେ ବୋଲି ସେ ସମ୍ବାଦ ସରବରାହ ସଂସ୍ଥା ଏଜେନ୍ସ ଫ୍ରାନ୍ସ-ପ୍ରେସ୍(ଏଏଫପି)କୁ କହିଛନ୍ତି। ଛାତ୍ର ବିରୋଧ ପରେ ଅଗଷ୍ଟ ୨୦୨୪ରେ ଶେଖ ହସିନାଙ୍କୁ ଇସ୍ତଫା ଦେଇ ଦେଶ ଛାଡି ପଳାୟନ କରିବାକୁ ପଡିଥିଲା। ସେବେଠାରୁ, ସେ ଦିଲ୍ଲୀରେ ଆତ୍ମ-ନିର୍ବାସନରେ ରହୁଛନ୍ତି।ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ ଦ୍ୱାରା ହସିନାଙ୍କୁ ମୃତ୍ୟୁଦଣ୍ଡାଦେଶ କରାଯାଇଛି। ସମ୍ବାଦ ସରବରାହ ସଂସ୍ଥା ଏଏଫପିକୁ ଏକ ଇମେଲ୍ ପ୍ରତିକ୍ରିୟାରେ ହସିନା କହିଛନ୍ତି, ହୁଏତ ମୋତେ ହତ୍ୟା କରାଯିବ। ହୁଏତ ମୋତେ ଗିରଫ କରାଯିବ କିମ୍ବା ହୁଏତ ମୋତେ ଜେଲ୍‌ରେ ରଖାଯିବ। ମୁଁ ମୋର ଭାଗ୍ୟ ବିଷୟରେ ସମ୍ପୂର୍ଣ୍ଣ ଅବଗତ। ତଥାପି, ମୁଁ ଫେରିଯିବି କାରଣ ମୋ ଲୋକମାନେ ମୋତେ ଡାକୁଛନ୍ତି।ଚଳିତ ମାସର ଆରମ୍ଭରେ, ରଏଟର୍ସ ସହିତ ଏକ ସାକ୍ଷାତକାରରେ, ଶେଖ ହସିନା ପ୍ରଥମେ ବାଂଲାଦେଶ ଫେରିବା ପାଇଁ ଡିସେମ୍ବରର ସମୟସୀମା ଘୋଷଣା କରିଥିଲେ। ହସିନା କହିଥିଲେ ଯେ ସେ ଏବଂ ତାଙ୍କର ରାଜନୈତିକ ସହଯୋଗୀମାନେ ନିର୍ବାସନରୁ



ଫେରିବେ ଏବଂ ବାଂଲାଦେଶରେ ବିଚାରର ସମ୍ମୁଖୀନ ହେବେ। ହସିନା ରଏଟର୍ସକୁ କହିଥିଲେ ଯେ ତାଙ୍କ ଦଳର ନେତା ଏବଂ କର୍ମୀମାନଙ୍କୁ ନିର୍ମମ ଭାବରେ ଦମନ କରାଯାଉଛି। ହସିନା କହିଥିଲେ, ଯଦି ମୃତ୍ୟୁ ଆସେ, ତେବେ ତାହା ମୋ ନିଜ ଭୂମିରେ ଆସିବା ଉଚିତ, ଯେଉଁଠାରେ ମୋ ପିତାମାତାଙ୍କୁ କବର ଦିଆଯାଇଛି ଏବଂ ଯେଉଁଠାରେ ସେମାନଙ୍କର ରକ୍ତ ବୁହାଯାଇଛି। ଶେଖ ହସିନାଙ୍କ ପିତା ଏବଂ ବାଂଲାଦେଶର ପ୍ରତିଷ୍ଠାତା ପିତା, ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କୁ ୧୯୭୫ ମସିହାରେ ଏକ ସାମରିକ ବିଦ୍‌ରୋହରେ ହତ୍ୟା କରାଯାଇଥିଲା। ସୈନିକଙ୍କ ଏକ ଦଳ ରାଷ୍ଟ୍ରପତି ବାସଭବନ ଉପରେ ଆକ୍ରମଣ କରି ଶେଖ ମୁଜିବୁର ରହମାନଙ୍କୁ ତାଙ୍କ ସ୍ତ୍ରୀ ଏବଂ ପୁଅମାନଙ୍କ ସହିତ ହତ୍ୟା କରିଥିଲେ। ଶେଖ ମୁଜିବୁର ରହମାନଙ୍କ ଝିଅ ଶେଖ ହସିନା ଏବଂ ଶେଖ ରେହାନା ଦେଶ ବାହାରେ ଥିବାରୁ ଆକ୍ରମଣରୁ ବଞ୍ଚି ଯାଇଥିଲେ।ଶେଖ ହାସିନାଙ୍କୁ ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ୨୦୨୪ ଛାତ୍ର ଆନ୍‌ଦୋଳନକୁ ଦମନ କରିବା ପାଇଁ ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇସିଟି) ଦ୍ୱାରା ତାଙ୍କୁ ମୃତ୍ୟୁଦଣ୍ଡାଦେଶ ହୋଇଛି। ଜୁଲାଇ ୨୦୨୪ ରେ, ବାଂଲାଦେଶରେ ସରକାରୀ ଚାକିରିରେ କୋଟା ବିରୋଧରେ ଛାତ୍ର ପ୍ରତିବାଦ ଆରମ୍ଭ ହୋଇଥିଲା, ଯାହା ଶୀଘ୍ର ଏକ ଦେଶବ୍ୟାପୀ ସରକାର ବିରୋଧୀ ଆନ୍‌ଦୋଳନରେ ପରିଣତ ହୋଇଥିଲା। ପ୍ରତିବାଦ ବୃଦ୍ଧି ପାଇବା ସହିତ, ଶେଖ୍ ହସିନା ୫ ଅଗଷ୍ଟ ୨୦୨୪ରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ ଏବଂ ଭାରତ ପଳାଇ ଆସିଥିଲେ।

# ଭାରତର ସିଜେପି ପ୍ରଦର୍ଶନ ପରେ ପାକିସ୍ତାନ ଜେଏନଜି ପ୍ରଭାବିତ
## ସମର୍ଥନ ଥିବା କଥା କହି ଭାରତର କଡା ବାର୍ତ୍ତା

**ନୂଆଦିଲ୍ଲୀ,୨୯ ।୭(ଏଜେନ୍ସି):** ଦିଲ୍ଲୀର ଜନ୍ତର-ମନ୍ତର ସମେତ ଦେଶର ବିଭିନ୍ନ ସ୍ଥାନରେ ହୋଇଥିବା ଛାତ୍ର ଆନ୍‌ଦୋଳନକୁ ପାକିସ୍ତାନର କିଛି ଜେନ୍‌ଜି ସମର୍ଥନ କରୁଛନ୍ତି । ଏପରିକି ସେମାନେ ମଧ୍ୟ ପାକିସ୍ତାନରେ ଆନ୍ଦୋଳନ କରିବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି । ହେଲେ ପାକ୍ ରେଞ୍ଜର ସେମାନଙ୍କୁ ଉଠାଇ ନେବା ଭୟରେ ସେମାନେ ଏଥିରୁ ପଛ ଘୁଞ୍ଚା ଦେଉଛନ୍ତି । ଏହି ପ୍ରସଙ୍ଗରେ ଭାରତ କଡ଼ା ପ୍ରତିକ୍ରିୟା ଦେଇଛି । ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସ୍‌ୱାଲ କହିଛନ୍ତି, ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଧ୍ୟାନ ଦେବା ବଦଳରେ ପାକିସ୍ତାନ ଭାରତ ଉପରେ କରୁଥିବା ଆତଙ୍କବାଦ ଆକ୍ରମଣ ବନ୍ଦ କରିବା ଉପରେ ଗୁରୁତ୍ୱ ଦେବା ଉଚିତ୍ ।ସମ୍ପ୍ରତି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ, ଦଶନ୍ଧି ଧରି ପାକିସ୍ତାନ ଭାରତ ବିରୋଧରେ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଇଆସୁଛି । ପାକିସ୍ତାନ ଏହି କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରୁ । ଏହି ଦାବିରେ ଜେନ୍‌ଜି ଯୁବପିଢ଼ି ମଧ୍ୟ ସାମିଲ ବୋଲି ସେ କହିଥିଲେ । ଅନ୍ୟପଟେ, ଭାରତରେ ଚାଲିଥିବା ପ୍ରଦର୍ଶନକୁ ନେଇ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟ ଏହାକୁ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି କହି କୌଣସି ମତାମତ ଦେବାକୁ ମନା କରିଥିଲା । ଗୋଟିଏ ପଟେ ପାକ୍ ଜେନ୍ ?ଜି ଭାରତର ସିଜେପି ଏବଂ ଜେନଜିଙ୍କ ସମର୍ଥନରେ ଥିବାବେଳେ ଅନ୍ୟପଟେ ପାକିସ୍ତାନ ପ୍ରଶାସନ ଏ ବାବଦରେ କୌଣସି ଉତ୍ତର ନ ରଖି ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ଏଡାଇ ଦେଇଛି । କିନ୍ତୁ ପାକ୍ ଜେନଜି ନିଜ ସରକାରଙ୍କୁ ପ୍ରତିଟି ପ୍ରସଙ୍ଗରେ ଅପମାନିତ କରିବାରେ କୌଣସି ହେଳା କରୁନାହାନ୍ତି । ସୋସିଆଲ ମିଡିଆରେ ପାକିସ୍ତାନର କିଛି ଯୁବକ ସିଜେପି ବିରୋଧୀ ଆନ୍‌ଦୋଳନକୁ ସମର୍ଥନ ଜଣାଇ ଏକତାର ବାର୍ତ୍ତା ପୋଷ୍ଟ କରିଥିଲେ । ଯାହାକୁ ସିଧାସଳଖ ଭାବେ ଦେଖାଣିଆ କଥା ବୋଲି ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି । ସେହିପରି ସିନ୍ଧୁ ସଭ୍ୟତାକୁ ନେଇ ପାକିସ୍ତାନର ଦାବିକୁ କେନ୍ଦ୍ର କରି ନୂଆ ବିବାଦ ସୃଷ୍ଟି ହୋଇଛି । ସିନ୍ଧୁ ସଭ୍ୟତାର ସାଧାରଣ ଐତିହ୍ୟକୁ ନେଇ ପାକିସ୍ତାନର ଦାବି ଉପରେ ମଧ୍ୟ ରଣଧୀର ଜୈସ୍‌ୱାଲ ପ୍ରତିକ୍ରିୟା ରଖିଥିଲେ । ସେ କହିଥିଲେ, ଯେଉଁ ଦେଶ ଦଶନ୍ଧି ଧରି ସୀମାପାର ଆତଙ୍କବାଦ, ଧର୍ମାନ୍ଧ କଟ୍ଟରବାଦ ଓ ହିଂସାକୁ ପ୍ରୋତ୍ସାହନ ଦେଇଆସୁଛି, ସେହି ଦେଶ ବହୁଳବାଦୀ ସାଂସ୍କୃତିକ ଐତିହ୍ୟ ଉପରେ ଦାବି କରିପାରିବ ନାହିଁ । ସଂଖ୍ୟାଲଘୁ ଓ ସେମାନଙ୍କ ସାଂସ୍କୃତିକ ଅଧିକାର ସୁରକ୍ଷାରେ ପାକିସ୍ତାନର ବହୁ ଖରାପ ରେକର୍ଡ ରହିଛି । ଏଭଳି ପରିସ୍ଥିତିରେ ଭାରତ ଭଳି ଏକ ସାଂସ୍କୃତିକ ରାଷ୍ଟ୍ର ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିବା ଆଦୌ ଉଚିତ୍ ନୁହେଁ ।ଅପରପକ୍ଷେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା । ସେହି ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ଭାରତର କହିବା ଅନୁସାରେ, ପାକିସ୍ତାନ ପ୍ରଯୋଜିତ ସୀମାପାର ଆତଙ୍କବାଦ ସିନ୍ଧୁ ଜଳ ଚୁକ୍ତିର ମୂଳ ଭାବନାକୁ ଦୁର୍ବଳ କରିଛି ଏବଂ ଆତଙ୍କବାଦକୁ ଏହି ପ୍ରସଙ୍ଗରୁ ଅଲଗା କରି ଦେଖାଯାଇପାରିବ ନାହିଁ ବୋଲି ଭାରତ ରୋକ୍ ଠୋକ୍ ଶୁଣାଇ ଦେଇଛି ।



## ଗମ୍ଭୀର ଯକୃତ ରୋଗ ପ୍ରତିରୋଧ ପାଇଁ ଆଗୁଆ ହେପାଟାଇଟିସ୍ ପରୀକ୍ଷା ପାଇଁ କେୟାର ହେଲ୍ଥ ଇନସ୍ୟୁରାନ୍ସର ଆହ୍ୱାନ

**ଭୁବନେଶ୍ୱର, ୨୯।୭ (ନି.ପ୍ର) :** ଯକୃତ ରୋଗର ଅନ୍ୟତମ ପ୍ରମୁଖ କାରଣ ଭାଇରାଲ୍ ହେପାଟାଇଟିସ୍ ହୋଇ ରହିଛି ଯାହାକୁ ସଠିକ୍ ସମୟରେ ଚିକିତ୍ସା କରାଗଲେ ବିଶ୍ୱସ୍ତରରେ ଅନେକ ଜୀବନ ବଂଚାଇହେବ। ଭାରତରେ ଏହି ପ୍ରକାର ମୃତ୍ୟୁ ଯଥେଷ୍ଟ ଅଧିକ ରହିଛି। ଆଗାମୀ ବିଶ୍ୱ ହେପାଟାଇଟିସ୍ ଦିବସ ପରିପ୍ରେକ୍ଷୀରେ କେୟାର ହେଲ୍ଥ ଇନସ୍ୟୁରାନ୍ସ ପକ୍ଷରୁ ଏକ ସାର୍ବଜନୀନ ପରାମର୍ଶବଳୀ ଜାରି କରି ଲୋକମାନଙ୍କୁ ହେପାଟାଇଟିସ୍ ପରୀକ୍ଷା କରିବା, ଟିକାକରଣ ଓ ଠିକ୍ ସମୟରେ ମେଡିକାଲ୍ ଚିକିତ୍ସା କରିବାକୁ ଆହ୍ୱାନ ଦିଆଯାଇଛି। ଏକ 'ନିରବ ରୋଗ' ଭାବେ ପରିଚିତ ଭାଇରାଲ୍ ହେପାଟାଇଟିସ୍ ଦୀର୍ଘ ବର୍ଷ ପର୍ଯ୍ୟ' ବିନା ଲକ୍ଷଣରେ ରହିଥାଏ ଏବଂ କେବଳ ଯକୃତ କ୍ଷତିଗ୍ରସ୍ତ ହେବା ପରେ ତାହା ଚିହ୍ନଟ ହୋଇଥାଏ। ରୋଗୀ ଚିକିତ୍ସା ସୁବିଧା ହାସଲ କରିବାକୁ ଯିବା ବେଳକୁ ତାହା ସିରୋସିସ, ଯକୃତ ଅଚଳ ହେବା କିମ୍ବା ଯକୃତ କ୍ୟାନସର ଆଡ଼କୁ ଗତି କରିସାରିଥାଏ, ଫଳରେ ତାହାର ଚିକିତ୍ସା ଅତ୍ୟନ୍ତ ଜଟିଳ, ଲମ୍ବା ଓ ବ୍ୟୟବହୁଳ ହୋଇପଡ଼େ। ତେଣୁ ଗମ୍ଭୀର ଜଟିଳତାର ମୁକ୍ତି ପାଇବା ଓ ସ୍ୱାସ୍ଥ୍ୟ ଫଳାଫଳରେ ଉନ୍ନତି ଆଣିବା ପାଇଁ ଆଗୁଆ ପରୀକ୍ଷା ଓ ଠିକ୍ ସମୟରେ ଚିକିତ୍ସା ଜରୁରୀ।

ବିଶ୍ୱର ସର୍ବାଧିକ ହେପାଟାଇଟିସ୍ ମାମଲା ଭାରତରେ ଦେଖାଦେଉଛି। ଏକ ଆକଳନ ଅନୁସାରେ ୨.୯ କୋଟି ଲୋକ ହେପାଟାଇଟିସ୍ ବି ଓ ୦.୫୫ କୋଟି ଲୋକ ହେପାଟାଇଟିସ୍ ସିରେ ଆକ୍ରାନ୍ତ। ଭାଇରାଲ୍ ହେପାଟାଇଟିସ୍ ପ୍ରଭାବରେ ଭାରତରେ ପ୍ରତିବର୍ଷ ୧.୨୩ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି ଏବଂ ବିଶ୍ୱ ହେପାଟାଇଟିସ୍ ବି ଓ ସି ଜନିତ ମୃତ୍ୟୁରେ ଭାରତର ଭାଗ ଯଥେଷ୍ଟ ଅଧିକ ରହିଛି। ଅଧିକାଂଶ ମାମଲାରେ ଆଗୁଆ ଚିକିତ୍ସା କରାଯାଇନଥିବାରୁ ଚିକିତ୍ସା ଆରମ୍ଭ ବେଳକୁ ଯକୃତରେ ଗୁରୁତର ଆଘାତ ସୃଷ୍ଟି ହୋଇଥାଏ। ଭାରତ ସରକାରଙ୍କ ଜାତୀୟ ଭାଇରାଲ ହେପାଟାଇଟିସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଭିଏଚ୍‌ସିପି) ଅଧୀନରେ ମାଗଣାରେ ହେପାଟାଇଟିସ୍ ପରୀକ୍ଷାର ସୁବିଧା ରହିଛି। କିନ୍ତୁ ଅତ୍ୟାଧୁନିକ ପରୀକ୍ଷା ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏକ ଘରୋଇ ହସ୍ପିଟାଲରେ ଯକୃତ ପ୍ରତିରୋପଣ ପାଇଁ ୧୮-୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ ଓ ଜୀବନ ସାରା ଔଷଧ ଖାଇବାକୁ ପଡ଼େ।

କେୟାର ହେଲ୍ଥ ଇନସ୍ୟୁରାନ୍ସର ଅଧ୍ୟୟନରୁ ଜଣାପଡ଼ିଛି ଯେ ଗତ ତିନି ବର୍ଷରେ ଯକୃତ ଖରାପ ଜନିତ ମୃତ୍ୟୁ ତିନି ଗୁଣା ବୃଦ୍ଧି ପାଇଛି ଓ ଚିକିତ୍ସା ଖର୍ଚ୍ଚ ପ୍ରାୟ ୧୦୦% ବଢ଼ିଛି। ବୀମା କମ୍ପାନିଗୁଡ଼ିକ ମଧ୍ୟ ଯୁବବର୍ଗଙ୍କ ମଧ୍ୟରେ ୫-୧୦ ପ୍ରତିଶତ ବୃଦ୍ଧି, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରରେ ୧୦୧-୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଏବଂ ମହିଳାଙ୍କ କ୍ଷେତ୍ରରେ ୦ ପ୍ରତିଶତ ବୃଦ୍ଧି ହୋଇଥିବା ଜାଣିପାରିଛନ୍ତି।

ହେପାଟାଇଟିସ୍ ରୋଗକୁ ଏଡ଼ାଇବା ପାଇଁ କେୟାର ହେଲ୍ଥ ଇନସ୍ୟୁରାନ୍ସ ପକ୍ଷରୁ କେତେକ ପରାମର୍ଶ ପ୍ରଦାନ କରାଯାଇଛି। ଥରେ ଅନ୍ତତଃ ହେପାଟାଇଟିସ୍ ବି ଓ ସିର ପରୀକ୍ଷା କରିବା ଉଚିତ।

## ଏମ୍.ଏସ୍. ଧୋନି ହେଲେ ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍‌ର ବ୍ରାଣ୍ଡ ଆମ୍ବାସାଡର

**ନୂଆଦିଲ୍ଲୀ, ୨୯।୭ (ନି.ପ୍ର) :** ବିଶ୍ୱର ଚତୁର୍ଥ ବୃହତ୍ତମ ଜୁଏଲରୀ ରିଟେଲର୍ ଏବଂ ଏକ ଦାୟିତ୍ୱପୂର୍ଣ୍ଣ ଜୁଏଲର୍ ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ଆଜି ଏମ୍.ଏସ୍. ଧୋନିଙ୍କୁ ନିଜର ବ୍ରାଣ୍ଡ ଆମ୍ବାସାଡର୍ ଭାବେ ଘୋଷଣା କରିଛି। ଏହି 'ଦ ରେସ୍ପନ୍ସିବଲ୍ ଜୁଏଲର୍ସ' ନାମକ ବ୍ରାଣ୍ଡ ଦୀର୍ଘମିଆଦୀ ସହଭାଗିତା ଉପରେ ଆଧାରିତ, ଯାହା କେବଳ ଅଳଙ୍କାର ବିକ୍ରୟରେ ସୀମିତ ନ ରହି, ଏହାଠାରୁ ଅଧିକ ଦାୟିତ୍ୱ ଗ୍ରହଣ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏପରି ଏକ ସମୟରେ, ଯେତେବେଳେ ଉପଭୋକ୍ତାମାନେ ସ୍ୱଚ୍ଛତା, ପ୍ରାମାଣିକତା ଏବଂ ବିଶ୍ୱାସକୁ ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଛନ୍ତି, ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ନିଜର ସମ୍ପୂର୍ଣ୍ଣ ଭାଲ୍ୟୁ ଚେନ୍‌ରେ ଦାୟିତ୍ୱ ପ୍ରତି ନିଜ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରୁଛି। 'ଦ ରେସ୍ପନ୍ସିବଲ୍ ଜୁଏଲର୍ସ' ହେଉଛି ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍‌ର ଜୁଏଲରୀ ଭାଲ୍ୟୁ ଚେନ୍‌ର ପ୍ରତ୍ୟେକ ପର୍ଯ୍ୟାୟରେ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ପ୍ରକ୍ରିୟାକୁ ଅନୁସରଣ କରିବା ପ୍ରତି ଏକ ଦୀର୍ଘମିଆଦୀ ପ୍ରତିବଦ୍ଧତା। ଏହା ନୈତିକ ସୋର୍ସିଂ, ବିଶ୍ୱସନୀୟ ଗୁଣବତ୍ତା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ, ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଏବଂ ଗ୍ରାହକ ପ୍ରାଥମିକତା ନୀତି ପ୍ରତି ବ୍ରାଣ୍ଡର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଏହା ସହିତ, ପ୍ରତ୍ୟେକ ଅଳଙ୍କାର କ୍ରୟ ବିଶ୍ୱାସ, ଉତ୍ତରଦାୟିତ୍ୱ, ଭରସା ଏବଂ ସମସ୍ତ ହିତାଧିକାରୀଙ୍କ ପ୍ରତି ଦାୟିତ୍ୱ ଉପରେ ଆଧାରିତ ହେବା ଉଚିତ ବୋଲି ବ୍ରାଣ୍ଡର ବିଶ୍ୱାସକୁ ପୁନଃ ସୁଦୃଢ଼ କରେ। ଏହି ପ୍ରତିବଦ୍ଧତାକୁ 'ମାଲାବାର୍ ପ୍ରମିସେସ୍' ମାଧ୍ୟମରେ ବାସ୍ତବ ରୂପ ଦିଆଯାଇଛି, ଯାହା ଗ୍ରାହକ-ପ୍ରଥମ ପ୍ରତିଶୃତିଗୁଡ଼ିକର ଏକ ବ୍ୟାପକ ଢାଞ୍ଚା। ଏଥିରେ ୧୦୦% ବିଆଇଏସ ହଲମାର୍କଯୁକ୍ତ ଅଳଙ୍କାର, ପ୍ରତ୍ୟେକ ପ୍ରାକୃତିକ ହୀରା ପାଇଁ ୨୮ଟି ଗୁଣବତ୍ତା ଯାଞ୍ଚ, କୌଣସି ଲୁକ୍କାୟିତ ଶୁଳ୍କ ବିନା ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ, ଗ୍ୟାରେଣ୍ଟିଯୁକ୍ତ ବାୟବ୍ୟାକ୍, ଆଜୀବନ ରକ୍ଷଣାବେକ୍ଷଣ, ନିଃଶୁଳ୍କ ବୀମା, ସର୍ବୋତ୍ତମ ମୂଲ୍ୟର ଏକ୍ସଚେ ପ୍ରୋଗ୍ରାମ୍ ଏବଂ ଦାୟିତ୍ୱପୂର୍ଣ୍ଣ ସୋର୍ସିଂ ପ୍ରକ୍ରିୟା ଅନ୍ତର୍ଭୁକ୍ତ, ଯାହା ଗ୍ରାହକଙ୍କୁ ପ୍ରତ୍ୟେକ କ୍ରୟ ନିଶ୍ଚିନ୍ତ ଭାବେ କରିବାର



ସୁଯୋଗ ଦେଇଥାଏ।

ଭାରତର ସବୁଠାରୁ ସମ୍ମାନିତ କ୍ରୀଡ଼ା ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ ଏମ୍.ଏସ୍. ଧୋନି ଆନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ଏକମାତ୍ର ଅଧିନାୟକ, ଯିଏ ଭାରତକୁ ଆଇସିସିର ତିନୋଟି ହ୍ୱାଇଟ୍-ବଲ୍ ଟୁର୍ଣ୍ଣାମେଣ୍ଟରେ ବିଜୟୀ କରାଇଛନ୍ତି। ସତ୍ୟନିଷ୍ଠା, ନିରନ୍ତରତା ଏବଂ ବିନମ୍ରତା ପାଇଁ ପରିଚିତ ଧୋନି ସେହି ମୂଲ୍ୟବୋଧର ପ୍ରତୀକ, ଯାହା ୧୯୯୩ରେ ସ୍ଥାପନା ପରଠାରୁ ଗତ ୩୩ ବର୍ଷ ଧରି ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍‌ର ପରିଚୟ ସୃଷ୍ଟି କରିଆସିଛି। ଏହି ଅଭିଯାନ ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍‌ର ସବୁଠାରୁ ବଡ଼ ସମନ୍ୱିତ ଉପଭୋକ୍ତା ଅଭିଯାନମାନଙ୍କ ମଧ୍ୟରୁ ଗୋଟିଏ ହେବ, ଯାହା ଟେଲିଭିଜନ, ପ୍ରିଣ୍ଟ, ଡିଜିଟାଲ୍, ସୋସିଆଲ୍ ମିଡିଆ, ରେଡିଓ, ସିନେମା, ଆଉଟ୍-ଅଫ୍-ହୋମ୍, ରିଟେଲ୍ ଅନୁଭୂତି ଏବଂ ବ୍ରାଣ୍ଡର ନିଜସ୍ୱ ପ୍ଲାଟଫର୍ମ ମାଧ୍ୟମରେ ପରିଚାଳିତ ହେବ। ଏହା ବିଶ୍ୱବ୍ୟାପୀ ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍‌ର ୪୫୦ରୁ ଅଧିକ ଷ୍ଟୋର୍ ମାଧ୍ୟମରେ ଉପଭୋକ୍ତାଙ୍କ ପାଖକୁ ପହଞ୍ଚିବ। ଏହି ସହଭାଗିତା ସମ୍ପର୍କରେ ମତ ପ୍ରକାଶ କରି ମାଲାବାର୍ ଗ୍ରୁପର ଚେୟାରମ୍ୟାନ୍ ଶ୍ରୀ ଏମ୍. ପି. ଅହମ୍ମଦ କହିଛନ୍ତି: 'ଆଜିର ଉପଭୋକ୍ତାମାନେ ସେମାନେ ବାଛୁଥିବା ବ୍ରାଣ୍ଡଠାରୁ କେବଳ ଉତ୍କୃଷ୍ଟ ଉତ୍ପାଦ ନୁହେଁ, ବରଂ ପ୍ରତ୍ୟେକ କ୍ରୟରେ ସ୍ୱଚ୍ଛତା, ପ୍ରାମାଣିକତା ଏବଂ ବିଶ୍ୱାସ ମଧ୍ୟ ଆଶା କରନ୍ତି। ଆମର ବିଶ୍ୱାସ ଯେ, ଜୁଏଲରୀ ଶିଳ୍ପର ଦାୟିତ୍ୱ ହେଉଛି ନୈତିକ ବ୍ୟବସାୟିକ ପ୍ରକ୍ରିୟା, ଶ୍ରେଷ୍ଠ ଗୁଣବତ୍ତା ଏବଂ ଗ୍ରାହକଙ୍କ ପ୍ରାଥମିକ ଦୃଷ୍ଟିକୋଣ ମାଧ୍ୟମରେ ଏହି ଆଶା ପୂରଣ କରିବା। ଏହି ବିଶ୍ୱାସ ଗତ ୩୩ ବର୍ଷ ଧରି ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍‌ର ପଥପ୍ରଦର୍ଶକ ହୋଇଆସିଛି ଏବଂ ଆଜି ମଧ୍ୟ ଆମର ପ୍ରତ୍ୟେକ ନିଷ୍ପତ୍ତିକୁ ପ୍ରେରଣା ଦେଉଛି। ଏମ୍.ଏସ୍. ଧୋନି ତାଙ୍କର ସତ୍ୟନିଷ୍ଠା, ଶୃଙ୍ଖଳା ଏବଂ ନିରନ୍ତରତା ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କର ସମ୍ମାନ ଓ ବିଶ୍ୱାସ ଅର୍ଜନ କରିଛନ୍ତି। ଏହି ଗୁଣଗୁଡ଼ିକ ଆମର ମୂଲ୍ୟବୋଧ ସହ ଗଭୀର ଭାବରେ ମେଳ ଖାଉଛି। ଆମେ ତାଙ୍କୁ ମାଲାବାର୍ ପରିବାରକୁ ସ୍ୱାଗତ କରି ଆନନ୍ଦିତ ଏବଂ ତାଙ୍କ ସହ ମିଶି ଉପଭୋକ୍ତାଙ୍କ ମନରେ ଅଳଙ୍କାର କ୍ରୟ ପ୍ରତି ଅଧିକ ବିଶ୍ୱାସ ସୃଷ୍ଟି କରିବା ସହ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ପ୍ରକ୍ରିୟା ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବାକୁ ଅପେକ୍ଷା କରୁଛୁ। 'ଏମ୍.ଏସ୍. ଧୋନି କହିଛନ୍ତି।

## ଏଲ୍‌ପିଏଲ୍ ୨୦୨୬କୁ ସୁଦୃଢ଼ କଲେ ଭାରତୀୟ ତାରକା ବିଜୟ ଶଙ୍କର ଓ ପୀୟୂଷ ଚାଓ୍ୱଲା

**ଭୁବନେଶ୍ୱର, ୨୯।୭ (ନି.ପ୍ର) :** ଶ୍ରୀଲଙ୍କାର ଲଙ୍କା ପ୍ରିମିୟର୍ ଲିଗ୍ (ଏଲ୍‌ପିଏଲ୍) ୨୦୨୬ ସହ ଭାରତୀୟ ତାରକା ବିଜୟ ଶଙ୍କର ଓ ପୀୟୁଷ ଚାଓ୍ୱଲା ଯୋଗଦେବା ଫଳରେ ଭାରତୀୟ ଦର୍ଶକମାନଙ୍କ ପାଇଁ ଏହି ଟୁର୍ଣ୍ଣାମେଂଟ୍‌ର ଗୁରୁତ୍ୱ ବୃଦ୍ଧି ପାଇଛି। କ୍ୟାଣ୍ଡି ରୟାଲ ଦଳରେ ବିଜୟ ଶଙ୍କର ଓ ଜାଫ୍‌ନା କିଙ୍ଗ୍‌ସ ଦଳରେ ପୀୟୁଷ ଚାଓ୍ୱଲା ଯୋଗଦେଇଛନ୍ତି। ଉଭୟ ଖେଳାଳୀଙ୍କ ଜାତୀୟ ଓ ଅନ୍ତର୍ଜାତୀୟ ଅଭିଜ୍ଞତାରୁ ଏହି ଦୁଇ ଫ୍ରାଂଚାଇଜି ଉପକୃତ ହେବେ। ସେମାନଙ୍କ ଯୋଗଦାନ ଏଲ୍‌ପିଏଲ୍‌ରେ ଯୋଡ଼ି ହେବା ପାଇଁ ଅନ୍ତର୍ଜାତୀୟ ଖେଳାଳିମାନଙ୍କ ମଧ୍ୟରେ ରହିଥିବା ଆଗ୍ରହକୁ ଦର୍ଶାଉଛି। ଏଥି ସହିତ ଏହି ଟୁର୍ଣ୍ଣାମେଂଟ୍ ଦକ୍ଷିଣ ଏସିଆ ଫ୍ରାଂଚାଇଜି ପ୍ଲାଟଫର୍ମ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ଭାବେ ଉଭା ହୋଇଛି।

କେବଳ ଖେଳ ପଡ଼ିଆରେ ନୁହେଁ ଏହି ଦୁଇ ଖେଳାଳିଙ୍କ ସହ ତାଲିମ ନେବା, ପ୍ରତିଯୋଗିତା କରିବା ଏବଂ ଡ୍ରେସିଂ ରୁମ୍‌ରେ ଭାବ ବିନିମୟ କରି ଶ୍ରୀଲଙ୍କାର ଖେଳାଳିମାନେ ଉଚ୍ଚ ଚାପ ସମ୍ପନ୍ନ ଟି-୨୦ ପରିବେଶରେ ସେମାନଙ୍କ ବ୍ୟାପକ ଅଭିଜ୍ଞତାରୁ ଲାଭବାନ ହେବେ। ଶ୍ରୀଲଙ୍କାର ଉଦୀୟମାନ ଖେଳାଳିଙ୍କ ପାଇଁ ସେମାନଙ୍କ ଜ୍ଞାନ ଆଦାନପ୍ରଦାନ ବେଶ ଲାଭଦାୟକ ହୋଇପାରିବ ଯାହା ଫଳରେ ସେମାନେ ଖେଳ ବିଷୟରେ ସଚେତନ ହେବେ ଏବଂ ଚାପ ସମୟରେ ଭଲ ପ୍ରଦର୍ଶନ କରିପାରିବେ।

ଆଇପିଜି ଗ୍ରୁପର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଅନିଲ ମୋହନ କହିଛନ୍ତି ଯେ, 'ଭାରତ ଓ ଶ୍ରୀଲଙ୍କା ମଧ୍ୟରେ କ୍ରିକେଟ୍ ସମ୍ପର୍କ ବେଶ ଗଭୀର ରହିଛି ଏବଂ ବିଜୟ ଶଙ୍କର ଓ ପୀୟୂଷ ଚାଓ୍ୱଲା ଏଲ୍‌ପିଏଲ୍ ୨୦୨୬ରେ ଅଧିକ ମୂଲ୍ୟ



ଯୋଡ଼ିବେ। ସେମାନଙ୍କ ଅଭିଜ୍ଞତା ପ୍ରତିଯୋଗିତାକୁ ସୁଦୃଢ଼ କରିବ ଏବଂ ଶ୍ରୀଲଙ୍କା ଖେଳାଳିମାନଙ୍କୁ ସେମାନଙ୍କଠାରୁ ଉଚ୍ଚ ସ୍ତରରେ ପ୍ରତିଯୋଗିତା କରିବାର କୌଶଳ ଶିଖିବାର ସୁଯୋଗ ପ୍ରଦାନ କରିବ।''

ଲଙ୍କା ପ୍ରିମିୟର ଲିଗ୍‌ର ଟୁର୍ଣ୍ଣାମେଂଟ୍ ଡାଇରେକ୍ଟର ସାମନ୍ଥା ଡୋଡାନ୍‌ୱାଲା କହିଛନ୍ତି ଯେ, 'ଅଭିଜ୍ଞ ଭାରତୀୟ ଖେଳାଳିଙ୍କ ଉପସ୍ଥିତି ଏଲ୍‌ପିଏଲ୍‌ର ବଢ଼ୁଥିବା ଅନ୍ତର୍ଜାତୀୟ ଲୋକପ୍ରିୟତା ଉପରେ ଆଲୋକପାତ କରୁଛି। ସେମାନଙ୍କ ଅଂଶଗ୍ରହଣ ଟୁର୍ଣ୍ଣାମେଂଟ୍‌ର ଗୁଣାତ୍ମକ ମାନ ବଢ଼ାଇଛି ଏବଂ ଶ୍ରୀଲଙ୍କା କ୍ରିକେଟ୍ ପାଇଁ ଲାଭଦାୟକ ହେବାକୁ ଥିବା ଏକ ପ୍ରତିଯୋଗିତାପୂର୍ଣ୍ଣ ପ୍ଲାଟଫର୍ମ ଗଠନ କରିବାର ବ୍ୟାପକ ଲକ୍ଷ୍ୟକୁ ସମର୍ଥନ କରୁଛି।''

ଲଙ୍କା ପ୍ରିମିୟର୍ ଲିଗ୍ ୨୦୨୬ରେ ଅଗ୍ରଣୀ ଶ୍ରୀଲଙ୍କା ଓ ଅନ୍ତର୍ଜାତୀୟ ଖେଳାଳିମାନେ ପାଂଚଟି ଫ୍ରାଂଚାଇଜି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ଯାହା ପ୍ରଶଂସକମାନଙ୍କୁ ଉଚ୍ଚ ମାନର ପ୍ରତିଯୋଗିତାପୂର୍ଣ୍ଣ କ୍ରିକେଟ୍ ଅନୁଭୂତି ଓ ମନୋରଂଜନ ପ୍ରଦାନ କରିବ।

## ବର୍ଷା ଋତୁରେ ଗ୍ରାମାଂଚଳରେ ସର୍ପ ଦଂଶନ ରୋକିବାକୁ ବିଏସଭିର '୪ଏ' ରଣନୀତି

**ଭୁବନେଶ୍ୱର, ୨୯।୭ (ନି.ପ୍ର) :** ଦେଶରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ଗ୍ରାମାଂଚଳରେ ସାପ କାମୁଡ଼ା ଘଟଣାରେ ବୃଦ୍ଧି ହେବ ଯାହ ହେଉଛି ଅଣଦେଖା ହୋଇଯାଉଥିବା ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା। ଦୁଇ ଦଶନ୍ଧି ଧରି ସାପ କାମୁଡ଼ା ପାଇଁ ଔଷଧ ଯୋଗାଉଥିବା ମ୍ୟାନକାଇଣ୍ଡ ଗ୍ରୁପର ସଂସ୍ଥା ବିଏସଭି ପକ୍ଷରୁ ଏହି ଜାତୀୟ ଆହ୍ୱାନର ମୁକାବିଲା କରିବାକୁ '୪ଏ' ରଣନୀତି ଆରମ୍ଭ କରାଯାଇଛି। ଏହା ସଚେତନତା, ସହଜଲଭ୍ୟତା, ଉପଲବ୍ଧତା ଓ ପଦକ୍ଷେପ ଭଳି ଚାରିଟି 'ଏ' ଉପରେ ଗୁରୁତ୍ୱାରୋପ କରୁଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାପ କାମୁଡ଼ା ଘଟଣାଗୁଡ଼ିକୁ ରୋକିବା, ସମୟୋଚିତ ପଦକ୍ଷେପ ନେବା ଏବଂ କ୍ଲିନିକାଲ ଫଳାଫଳରେ ଉନ୍ନତି ଆଣିବା। ଏହି ରଣନୀତିରେ କମ୍ପାନି ଗ୍ରାମାଂଚଳର ଲୋକମାନଙ୍କ ମଧ୍ୟରେ ପ୍ରମାଣ ଆଧାରିତ ଫାଷ୍ଟ ଏଡ ଓ ପ୍ରାଥମିକ ଚିକିତ୍ସା ନେଇ ରହିଥିବା ଭ୍ରାନ୍ତ ଧାରଣା ଦୂର କରାଯିବା ସହ ସଚେତନତା ସୃଷ୍ଟି କରାଯିବ। ସାପ କାମୁଡ଼ିଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ଯିବାକୁ କୁହାଯିବ। ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଂଚଳରେ ଆବଶ୍ୟକ ପରିମାଣର ଗୁଣାତ୍ମକ ଆଂଟି ସ୍ନେକ ଭେନମ (ଏଏସଭି) ଉପଲବ୍ଧତାକୁ ନିଶ୍ଚିତ କରାଯିବ। ଠିକ ସମୟରେ ଚିକିତ୍ସା କଲେ ସାପ କାମୁଡ଼ା ଜନିତ ମୃତ୍ୟୁ ମାମଲା ହ୍ରାସ ପାଇବ ବୋଲି ଆଶା କରାଯାଉଛି। ବିଏସଭିର ଭାରତ ବ୍ୟବସାୟର ସିଓଓ ଶିବାନୀ ଶର୍ମା ଡେକା କହିଛନ୍ତି ଯେ, 'ସାପ କାମୁଡ଼ା ଔଷଧ କ୍ଷେତ୍ରରେ ବଜାରର ଏକ ଅଗ୍ରଣୀ ସଂସ୍ଥା ଭାବେ ସାପ କାମୁଡ଼ାର ପରିଚାଳନା ପାଇଁ ବିଏସଭି ବୈଜ୍ଞାନିକ ଦୃଷ୍ଟିରୁ ଉନ୍ନତ, ଉଚ୍ଚ ଗୁଣାତ୍ମକ ମାନ ଓ ପ୍ରଭାବଶଳୀ ଚିକିତ୍ସା ପ୍ରଦାନ କରୁଛି। ସାପ କାମୁଡ଼ାକୁ ଏକ ବିଜ୍ଞପିତ ରୋଗ ଭାବେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବର୍ଗୀକରଣ କରିଥିବାରୁ ତାହା ତଥ୍ୟ ସଂଗ୍ରହ, ସାପ କାମୁଡ଼ା ଔଷଧ ବଂଟନରେ ଉନ୍ନତି ଓ ଦେଶବ୍ୟାପୀ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା ଗଠନ ଦିନରେ ଏକ ବଳିଷ୍ଠ ପଦକ୍ଷେପ। ତେବେ ୨୦୩୦ ସୁଦ୍ଧା ସାପ କାମୁଡ଼ା ଜନିତ ମୃତ୍ୟୁ ଲକ୍ଷ୍ୟ ହାସଲ କରିବା ପାଇଁ କ୍ଷେତ୍ର ସ୍ଥଳରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଏଥିପାଇଁ ଗୋଷ୍ଠୀ ଭିତରେ ସଚେତନତାକୁ ବ୍ୟାପକ କରିବା, ଦୂରଦୂରାନ୍ତ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପହଂଚାଇବା, ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବଢ଼ାଇବା ଏବଂ ଚିକିତ୍ସାରେ ହେଉଥିବା ବିଳମ୍ବ ଏଡ଼ାଇବା ପାଇଁ ଗୋଷ୍ଠୀର ଲୋକମାନଙ୍କୁ ସଠିକ ଫାଷ୍ଟ ଏଡ ଜ୍ଞାନ ମାଧ୍ୟମରେ ସଶକ୍ତ କରିବା ପଦକ୍ଷେପ କରାଯିବ। ଏକ ଦାୟିତ୍ୱବାନ ସଂସ୍ଥା ଭାବେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାନକ ଚିକିତ୍ସା ଗାଇଡଲାଇନ (ଏସଟିଜି) ଅନୁସାରେ ଉଭୟ ଗୋଷ୍ଠୀ ସଚେତନତା ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରନ୍ତର ମେଡିକାଲ ତାଲିମ ପାଇଁ ପ୍ରତିବଦ୍ଧ ରହିଛୁ।' ଭୁବନେଶ୍ୱରର କର କ୍ଲିନିକ ଆଣ୍ଡ ହସ୍ପିଟାଲ ପ୍ରାଇଭେଟ ଲିମିଟେଡର ଏମଡି ଡାକ୍ତର ସିଦ୍ଧାନ୍ତ କର କହିଛନ୍ତି ଯେ, 'ଭାରତରେ ସାପ କାମୁଡ଼ା ଏକ ପ୍ରମୁଖ ଜନ ସ୍ୱାସ୍ଥ୍ୟ ସମସ୍ୟା ହୋଇରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଦେଶରେ ସାପକାମୁଡ଼ା ଦ୍ୱାରା ବର୍ଷକୁ ପ୍ରାୟ ୫୮,୦୦୦ ମୃତ୍ୟୁ ହେଉଛି ଯାହା ବିଶ୍ୱବ୍ୟାପୀ ହେଉଥିବା ମୃତ୍ୟୁର ପ୍ରାୟ ଅଧା। ପ୍ରତି ମିନିଟର ବିଳମ୍ବ ପୀଡ଼ିତଙ୍କ ବଂଚିବା ସମ୍ଭାବନାକୁ ହ୍ରାସ କରିଥାଏ। ତେଣୁ କ୍ଷେତ୍ର ସ୍ତରରେ ଚିହ୍ନଟ ଓ ଦ୍ରୁତ କ୍ଲିନିକାଲ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହାନିକାରକ ଭ୍ରାନ୍ତଧାରଣ ଦୂର କରିବା ପାଇଁ ଗୋଷ୍ଠୀର ଲୋକମାନଙ୍କୁ ସଚେତନ କରିବା ସହିତ ଜୀବନ ରକ୍ଷାକାରୀ ଚିକିତ୍ସାକୁ ଦୂରଦୂରାନ୍ତ ପର୍ଯ୍ୟନ୍ତ ପହଂଚାଇବାକୁ ନିଶ୍ଚିତ କରି ଆମେ ଗମ୍ଭୀର ମେଡିକାଲ ଜଟିଳତାକୁ ରୋକି ପାରିବା ଏବଂ ହଜାର ହଜାର ଜୀବନ ବଂଚାଇପାରିବା। ସାପ କାମୁଡ଼ା ସମସ୍ୟାର ମୁକାବିଲା ପାଇଁ ଗୋଷ୍ଠୀ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ନୀତି ନିର୍ମାତା ଓ ଶିଳ୍ପ ଲିଡରମାନଙ୍କ ସମେତ ବହୁବିଧ ଅଂଶୀଦାରମାନଙ୍କ ମିଳିତ ସହଯୋଗ ଆବଶ୍ୟକ।

## ଏସ୍‌ବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ପକ୍ଷରୁ ବିଭିନ୍ନ ରାଜ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୯।୭ (ନି.ପ୍ର) :** ଦେଶର ଅନ୍ୟତମ ଅଗ୍ରଣୀ ସାଧାରଣ ବୀମା କମ୍ପାନି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) କାର୍ଯ୍ୟକାରିତାର ଅନ୍ୟତମ ପ୍ରମୁଖ ସଂସ୍ଥା ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ଦେଶବ୍ୟାପୀ ଫସଲ ବୀମା ମାସ ଅଭିଯାନରେ ଯୋଗଦେବ। ଖରିଫ ଋତୁ ୨୦୨୬ ପାଇଁ ଏହି ମାସ ବ୍ୟାପୀ ଗ୍ରାହକ ଯୋଡ଼ିବା ଅଭିଯାନ ୨୦୨୬ ଜୁଲାଇ ୧ରୁ ୩୧ ପର୍ଯ୍ୟ' ଚାଲିବ। ଏଥିରେ ଚାଷୀମାନଙ୍କ ମଧ୍ୟରେ ପିଏମ୍‌ଏଫ୍‌ବିୱାଇକୁ ନେଇ ସଚେତନତା ବୃଦ୍ଧି କରାଯିବ ଏବଂ ସାରା ଦେଶରେ ବୀମା ସୁବିଧାକୁ ସମ୍ପ୍ରସାରଣ କରାଯିବ। ଏହି ଅଭିଯାନ ଅଧୀନରେ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର, ଆସାମ, ଉତ୍ତରାଖଣ୍ଡ, ତାମିଲନାଡୁ ଓ ଝାଡ଼ଖଣ୍ଡ ଭଳି ୯ଟି ରାଜ୍ୟରେ ବ୍ୟାପକ ସଚେତନତା ଓ ଆଉଟରିଚ୍ ଅଭିଯାନ ଆୟୋଜନ କରାଯିବ। ଏହା ଜରିଆରେ ଫସଲ ବୀମା ସମ୍ପର୍କରେ ଚାଷୀମାନଙ୍କୁ ଭଲ ଭାବେ ବୁଝାଯିବ, ସେମାନଙ୍କୁ ଯୋଡ଼ି ହେବାକୁ ଉତ୍ସାହିତ କରାଯିବ ଏବଂ ୨୦୨୬ ଖରିଫ ଋତୁରେ ସୂଚନା ଆଧାରିତ ନିଷ୍ପତି ନେବାରେ ଚାଷୀମାନଙ୍କୁ ସହଯୋଗ କରାଯିବ। ଚାଷୀମାନଙ୍କୁ ଫସଲ ବୀମାର ଲାଭ ସମ୍ପର୍କରେ ଅବଗତ କରିବା ପାଇଁ ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ପକ୍ଷରୁ ଫସଲ ବୀମା ପାଠଶାଳା, ଚାଷୀମାନଙ୍କୁ ନେଇ ବଡ଼ ଧରଣର କର୍ମଶାଳା ଓ କିଷାନ ମେଳା ଆୟୋଜନ କରିବା ଯୋଜନା ରହିଛି। ମହିଳା ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯିବ ଓ ଯୁବବର୍ଗଙ୍କ ମଧ୍ୟରେ ଆଗୁଆ ସଚେତନତା ବଢ଼ାଇବା ପାଇଁ ସ୍କୁଲ ଓ କଲେଜଗୁଡ଼ିକରେ ମଧ୍ୟ ସଚେତନତା ଅଧିବେଶନ ଆୟୋଜନ କରାଯିବ। ଏହା ସହିତ କୃଷି ସମ୍ପ୍ରସାରଣ କର୍ମୀ, ବ୍ୟାଙ୍କିଂ କରେସପଣ୍ଡେଂଟମାନଙ୍କୁ ମଧ୍ୟ ପିଏମ୍‌ଏଫ୍‌ବିୱାଇରେ ଯୋଡ଼ିହେବା ଓ ଦାବି ସହାୟତା ଶିବିର ସମ୍ପର୍କରେ ତାଲିମ ଦିଆଯିବ। ତୃଣମୂଳ ସ୍ତରରେ ସଚେତନତାକୁ ବ୍ୟାପକ କରିବା ପାଇଁ ଘରେ ଘରେ ସଚେତନତା କାର୍ଯ୍ୟକ୍ରମ ପହଂଚିବ ଓ ଶିକ୍ଷଣୀୟ ଉପକରଣ ବଂଟନ କରାଯିବ। ବାଇକ ର୍‌ୟାଲି, ପଥପ୍ରା' ନାଟକ, ନୁକଟ ନାଟକ, କାନ୍ଥରେ ଚିତ୍ରାଙ୍କନ ଓ ଗ୍ରାମସଭାରେ ଘୋଷଣା ଭଳି ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ। ହୋର୍ଡିଂ, ବ୍ୟାନର ଓ ପୋଷ୍ଟର ଆଦି ମଧ୍ୟ ଲଗାଯିବ। ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସର ଏମ୍‌ଡି ଓ ସିଇଓ ଶ୍ରୀ ନବୀନ ଚନ୍ଦ୍ର ଝା କହିଛଁ ଯେ, 'କୃଷି ଭାରତୀୟ ଅର୍ଥନୀତିର ମୂଳ କେନ୍ଦ୍ର ହୋଇଥିବାରୁ ଚାଷୀମାନଙ୍କ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପୂର୍ବାପେକ୍ଷା ଜରୁରୀ ହୋଇପଡ଼ିଛି। ଏସବିଆଇ ଲାଇଫ୍ ଜେନେରାଲ୍‌ରେ ଆମେ ଚାଷୀ ସମୁଦାୟ ସାମ୍ନା କରୁଥିବା ଆହ୍ୱାନକୁ ବୁଝୁଛୁ ଏବଂ ଆମର ବିଶ୍ୱାସ ରହିଛି ଯେ ବିପଦ ପରିଚାଳନା କରିବା ଓ ଜୀବନଜୀବିକାର ସୁରକ୍ଷାରେ ସହଯୋଗ କରିବାରେ ଫସଲ ବୀମା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

## ମାଇଅସେଟ୍‌ପଏଣ୍ଟ ଭାରତ-ୟୁଏଇ ମଧ୍ୟରେ ସୀମାପାର ରିଅଲ୍ ଏଷ୍ଟେଟ୍ ସହଯୋଗ ପ୍ଲାଟଫର୍ମ ଆରମ୍ଭ

**ନୂଆଦିଲ୍ଲୀ, ୨୯।୭ (ନି.ପ୍ର):** ରିଅଲ୍ ଏଷ୍ଟେଟ୍ ପ୍ରଯୁକ୍ତି କମ୍ପାନୀ ମାଇଅସେଟ୍‌ପଏଣ୍ଟ ଭାରତ ଓ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଏହାର ଏଜେଣ୍ଟ ସହଯୋଗ ପ୍ଲାଟଫର୍ମ ଶୁଭାରମ୍ଭ କରିଛି। ଏହି ନେଟୱର୍କ କମିଶନ୍-ଶେୟାରିଂ ମଡେଲ୍ ମାଧ୍ୟମରେ ବିଭିନ୍ନ ବଜାରରେ ସମ୍ପତ୍ତି କାରବାରରେ ରିଅଲ୍ ଏଷ୍ଟେଟ୍ ପେଶାଦାରମାନଙ୍କୁ ସହଯୋଗ କରିବାକୁ ସକ୍ଷମ କରେ। ଆଗ୍ରହୀ ଏଜେଣ୍ଟମାନେ https://myassetpoint.com/r/pp6hvhhs ରେ ସହଜରେ ପଞ୍ଜିକରଣ କରିପାରିବେ। ଏହି ପ୍ଲାଟଫର୍ମ ସ୍ୱାଧୀନ ବ୍ରୋକରମାନଙ୍କ ମଧ୍ୟରେ ସୀମିତ ସହଯୋଗର ଦୀର୍ଘଦିନର ସମସ୍ୟାର ସମାଧାନ ପ୍ରଦାନ କରେ। ପଞ୍ଜିକୃତ ଏଜେଣ୍ଟମାନେ ପ୍ରପର୍ଟି ଲିଷ୍ଟିଂ ଅଂଶୀଦାର କରିପାରିବେ, କ୍ରେତାଙ୍କ ଲିଡ୍ ବିନିମୟ କରିପାରିବେ ଏବଂ ମିଳିତ ଭାବେ ଡିଲ୍ ସମ୍ପନ୍ନ କରିପାରିବେ। ଲିଷ୍ଟିଂ କରିଥିବା ଏଜେଣ୍ଟ ସାଇଟ୍ ଭିଜିଟ୍, ଦରଦାମ ଓ ଡକ୍ୟୁମେଣ୍ଟେସନ୍‌ର ଦାୟିତ୍ୱ ନେବେ। କମ୍ପାନୀର ମୁଖପାତ୍ର କହିଛନ୍ତି, 'ରିଅଲ୍ ଏଷ୍ଟେଟ୍ ଏକ ବିଖଣ୍ଡିତ କ୍ଷେତ୍ର। ଆମର ଉଦ୍ଦେଶ୍ୟ ହେଉଛି ଏମିତି ଏକ ସହଯୋଗୀ ଇକୋସିଷ୍ଟମ୍ ଗଢ଼ି ତୋଳିବା ଯାହା ଏଜେଣ୍ଟମାନଙ୍କୁ ସ୍ଥାନୀୟ ବଜାରରୁ ବାହାରେ ମଧ୍ୟ ବ୍ୟବସାୟ ବଢ଼ାଇବାର ସୁଯୋଗ ଦେବ ଏବଂ ଲିଡ୍ ପରିଚାଳନା ସହ କମିଶନ୍ ବଣ୍ଟନରେ ପୂର୍ଣ୍ଣ ସ୍ୱଚ୍ଛତା ରଖିବ। ପ୍ରତ୍ୟେକ ପଞ୍ଜିକୃତ ଏଜେଣ୍ଟଙ୍କୁ ପ୍ଲାଟଫର୍ମର ଇନଭେଣ୍ଟରି ସହ ସଂଯୁକ୍ତ ଏକ ବ୍ୟକ୍ତିଗତ ୱେବସାଇଟ୍ ଦିଆଯିବ। ଏହା ମାଧ୍ୟମରେ ନେଟୱର୍କର ଅନ୍ୟ ଏଜେଣ୍ଟମାନଙ୍କ ଲିଷ୍ଟିଂ ମଧ୍ୟ ପ୍ରଦର୍ଶିତ ହେବ, ଯାହା ସମ୍ପତ୍ତିର ଦୃଶ୍ୟମାନତା ବଢ଼ାଇବ ଏବଂ ନୂଆ କାର୍ଯ୍ୟାଳୟ ଖୋଲିବା ବିନା ବ୍ୟବସାୟ ବିସ୍ତାରର ସୁଯୋଗ ଦେବ। ବର୍ତ୍ତମାନ ଏହି ପ୍ଲାଟଫର୍ମ ଭାରତ ଓ ସଂଯୁକ୍ତ ଆରବ ଏମିରେଟ୍ସରେ କାର୍ଯ୍ୟରତ ଅଛି। ବିଶ୍ୱସ୍ତରୀୟ ବିସ୍ତାର ଯୋଜନା ଅନୁଯାୟୀ ଆଗାମୀ ୩-୪ ମାସ ମଧ୍ୟରେ ଆହୁରି ୭-୮ଟି ଆନ୍ତର୍ଜାତୀୟ ବଜାରକୁ ବିସ୍ତାର କରିବାର ଲକ୍ଷ୍ୟ ରହିଛି। କମ୍ପାନୀର ମତରେ ଏହି ମଡେଲ୍ ବିଶେଷକରି ସ୍ୱାଧୀନ ବ୍ରୋକର ଓ ଛୋଟ ରିଅଲ୍ ଏଷ୍ଟେଟ୍ ଏଜେନ୍ସିମାନଙ୍କ ପାଇଁ ଉପଯୋଗୀ, କାରଣ ସେମାନେ ବଡ଼ ପ୍ରଯୁକ୍ତିଗତ ବିନିଯୋଗ କିମ୍ବା ଭୌତିକ ବିସ୍ତାର ବିନା ଅଧିକ ସମ୍ପତ୍ତି ଓ ସମ୍ଭାବ୍ୟ କ୍ରେତାଙ୍କ ପାଖକୁ ପହଞ୍ଚିପାରିବେ।

## ଆମାଜନ ମେଶିନ ଲର୍ଣ୍ଣିଂ ସମର ସ୍କୁଲର ୫ ବର୍ଷ ପୂର୍ତ୍ତି

**ଭୁବନେଶ୍ୱର, ୨୯।୭ (ନି.ପ୍ର) :** ଆମାଜନ ଇଣ୍ଡିଆ ଆଜି ଏହାର ଏକ ମାଗଣା, ଭର୍ଚୁଆଲ ପ୍ରୋଗ୍ରାମ ମେଶିନ ଲର୍ଣ୍ଣିଂ ସମର ସ୍କୁଲ (ଏମଏଲଏସଏସ)ର ୫ ବର୍ଷ ପୂର୍ତ୍ତି ସମ୍ପର୍କରେ ଘୋଷଣା କରିଛି ଯାହା ୨୦୨୧ ପରଠାରୁ ମୂଳ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ଓ ମେଶିନ ଲର୍ଣ୍ଣିଂ (ଏମଏଲ) ପାଠ୍ୟକ୍ରମରେ ୧୨୦୦୦ରୁ ଅଧିକ ଇଂଜିନିୟରିଂ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଛି। ଆମାଜନ ବୈଜ୍ଞାନିକଙ୍କ ଦ୍ୱାରା ଏକ ବର୍ଷ ମଧ୍ୟରେ ୪ଟି ସପ୍ତାହା'ରେ ପ୍ରଦାନ କରାଯାଉଥିବା ଏହି ପ୍ରୋଗ୍ରାମ ୪ ଲକ୍ଷରୁ ଅଧିକ ମୋଟ ପଞ୍ଜିକରଣ ସଂଖ୍ୟା ଅତିକ୍ରମ କରିଛି, ଯାହା ପ୍ରଥମ ସଂସ୍କରଣରେ ୩୯୨୭ ପଞ୍ଜିକରଣରୁ ୨୦୨୬ରେ ୧.୩ ଲକ୍ଷରୁ ଅଧିକକୁ ବୃଦ୍ଧି ପାଇଛି। ଗତ ୫ ବର୍ଷ ମଧ୍ୟରେ ଆମାଜନ ଏମଏଲଏସ ମେଶିନ ଲର୍ଣ୍ଣିଂ କ୍ଷେତ୍ରରେ ଅଗ୍ରଗତି ସହ ସମନ୍ୱୟରେ ଏହାର ପାଠ୍ୟକ୍ରମକୁ ବିକଶିତ କରିବା ଜାରି ରଖିଛି। ଏହି ପ୍ରୋଗ୍ରାମ ଦୃଢ଼ କ୍ଷମତା ଥିବା ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କର ମେଶିନ ଲର୍ଣ୍ଣିଂ କ୍ଷମତା ନିର୍ମାଣ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ସଂରଚିତ ଯାତ୍ରାକୁ ଅନୁସରଣ କରୁଛି। ଏଥିରେ ପଞ୍ଜିକରଣ ପରେ ଆବେଦନକାରୀମାନେ ଦୁଇଟି ପର୍ଯ୍ୟାୟ ବିଶିଷ୍ଟ ଏକ ମୂଲ୍ୟାୟନ ପ୍ରକ୍ରିୟାର ସମ୍ମୁଖୀନ ହେବେ ଯେଉଁଥିରେ ଏକ ଲିଖିତ ମୂଲ୍ୟାଙ୍କନ ଓ ଏକ ଆଡ଼ଭାନ୍ସ, ପ୍ରୋକ୍ଟରଡ କୋଡିଂ ଆସେସମେଂଟ ସାମିଲ ରହିଛି, ସେମାନଙ୍କ ମଧ୍ୟରୁ ୩୦୦୦ ପ୍ରାର୍ଥୀଙ୍କୁ ପ୍ରୋଗ୍ରାମ ପାଇଁ ଚୟନ କରାଯିବ। ଏସମ୍ପର୍କରେ ଆମାଜନ ଇଣ୍ଡିଆର ମେଶିନ ଲର୍ଣ୍ଣିଂ ବିଭାଗର ଉପାଧ୍ୟକ୍ଷ ରାଜୀବ ରସ୍ତୋଗି କହିଛନ୍ତି, 'ଆମାଜନରେ ଆମେ ବିଶ୍ୱସ୍ତରୀୟ ଏଆଇ ନିର୍ମାଣ କରିବାରେ ବିଶ୍ୱାସ ରଖିଆଉ ଯାହା ପ୍ରତିଭାମାନଙ୍କ ଠାରେ ଶୀଘ୍ର ଓ ବ୍ୟାପକ ସ୍ତରରେ ନିବେଶ ସହିତ ଆରମ୍ଭ ହେଉଛି ଏବଂ ମେଶିନ ଲର୍ଣ୍ଣିଂ ସମର ସ୍କୁଲ ସେହି ବିଶ୍ୱାସର ଏକ ପ୍ରତ୍ୟକ୍ଷ ଅଭିବ୍ୟକ୍ତି ଅଟେ। ଗତ ୫ ବର୍ଷରେ ଏହି ପ୍ରୋଗ୍ରାମ ଆମକୁ ଦର୍ଶାଇଛି ଯେ, ମେଶିନ ଲର୍ଣ୍ଣିଂ କ୍ୟାରିୟରକୁ ଅନୁସରଣ କରିବାର ମହତ୍ୱାକାଂକ୍ଷା ପାରମ୍ପରିକ ଟେକ୍ନୋଲୋଜି କେନ୍ଦ୍ରଗୁଡ଼ିକରୁ ବହୁ ଦୂରରେ ରହିଛି।

## ମଣିପାଲ ହସ୍ପିଟାଲ ପକ୍ଷରୁ ଜଟିଳ କିଡ଼ନୀ ପ୍ରତ୍ୟାରୋପଣ ସଫଳ

**ଭୁବନେଶ୍ୱର,୨୯। ୭ (ନି.ପ୍ର) :** ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପୁଣି ରଚିଲା ନୂଆ ଇତିହାସ । ହସ୍ପିଟାଲରେ ଏକ ଜଟିଳ କିଡନୀ ପ୍ରତ୍ୟାରୋପଣ (କିଡନୀ ଟ୍ରାନ୍ସପ୍ଲାଣ୍ଟ) ସଫଳତାର ସହ ସମ୍ପନ୍ନ ହୋଇଛି। ଡାକ୍ତରଙ୍କ ଦକ୍ଷତା, ସଠିକ୍ ଯୋଜନା ଏବଂ ଅଙ୍ଗଦାତାଙ୍କ ନିଃସ୍ୱାର୍ଥ ଅଙ୍ଗଦାନ ଯୋଗୁଁ ୬୬ ବର୍ଷୀୟ ଶ୍ରୀ ନିତ୍ୟାନନ୍ଦ କରଙ୍କୁ ମିଳିଛି ନୂଆ ଜୀବନ। ବିଶେଷ କଥା ହେଲା, ଦାତା ଓ ଗ୍ରହୀତା ଉଭୟଙ୍କ ଅନେକ ରୋଗରେ ଆକ୍ରାନ୍ତ ଥିବାରୁ ଚିକିତ୍ସାଗତ ଜଟିଳତା ଥିଲେ ମଧ୍ୟ ଡାକ୍ତରୀ ଦଳ ଏହାକୁ ସଫଳତାର ସହ ସମ୍ପନ୍ନ କରିଛନ୍ତି। ଏହି ସଫଳ ପ୍ରତ୍ୟାରୋପଣର ନେତୃତ୍ୱ ନେଇଥିଲେ ଡାକ୍ତର ମାନସ ରଞ୍ଜନ ପ୍ରଧାନ, ସିନିୟର କନ୍‌ସଲଟାଣ୍ଟ, ୟୁରୋଲୋଜିଷ୍ଟ ଏବଂ କିଡନୀ ପ୍ରତିରୋପଣ ବିଶେଷଜ୍ଞ। ଜୀବିତ ଅଙ୍ଗଦାତା ଶ୍ରୀ ପ୍ରଦୀପ କୁମାର ଶର୍ମାଙ୍କ ଦ୍ୱାରା ଦାନ କରାଯାଇଥିବା କିଡନୀକୁ ସଫଳତାର ସହ ପ୍ରତିରୋପଣ କରାଯାଇଥିଲା।

ଏହି ପ୍ରତିରୋପଣକୁ ଅଧିକ ଜଟିଳତା କରିଥିଲା ଅଙ୍ଗଦାତାଙ୍କ କିଡନୀର ଅସ୍ୱାଭାବିକ ଗଠନ। ସାଧାରଣତଃ ପ୍ରତ୍ୟେକ କିଡନୀରେ ଗୋଟିଏ ଧମନୀ, ଗୋଟିଏ ଶିରା ଏବଂ ଗୋଟିଏ ପରିସ୍ରା ନଳୀ ଥାଏ। କିନ୍ତୁ ଶ୍ରୀ ପ୍ରଦୀପ କୁମାର ଶର୍ମାଙ୍କ ଉଭୟ କିଡନୀରେ ଦୁଇଟି ଧମନୀ, ଦୁଇଟି ଶିରା ଓ ଦୁଇଟି ପୃଥକ ପରିସ୍ରା ନଳୀ ଥିଲା। ଏଭଳି ଶାରୀରିକ ଗଠନ ଅତ୍ୟନ୍ତ ଦୁର୍ଲଭ ହୋଇଥାଏ। ଏହିପରି ସ୍ଥିତିରେ ପ୍ରତ୍ୟେକ ରକ୍ତନଳୀ ଓ ପରିସ୍ରା ନଳୀକୁ ସତର୍କତାର ସହ ସଂରକ୍ଷଣ ଓ ପୁନଃ ସଂଯୋଗ କରିବାକୁ ପଡ଼ିଥିଲା, ଯାହା ଅସ୍ତ୍ରୋପଚାରକୁ ଅଧିକ ଜଟିଳ କରିଥିଲା। ଏଥିସହ ଯେଉଁ କିଡନୀକୁ ପ୍ରତ୍ୟାରୋପଣ ପାଇଁ ବାଛାଯାଇଥିଲା, ସେଥିରେ ୪.୫ ମିଲିମିଟରର ଏକ ଛୋଟ ପଥର ମଧ ଥିଲା। ବିସ୍ତୃତ ପରୀକ୍ଷା ଏବଂ ସଠିକ୍ ଯୋଜନା ପରେ ମଲ୍ଟିଡିସିପ୍ଲିନାରୀ ଟ୍ରାନ୍ସପ୍ଲାଣ୍ଟ ଟିମ୍ ନିଷ୍ପତ୍ତି ନେଇଥିଲେ ଯେ, ଏହି ଅତିରିକ୍ତ ଚ୍ୟାଲେଞ୍ଜକୁ ସଫଳତାର ସହ ପରିଚାଳନା କରି କିଡନୀ ପ୍ରତ୍ୟାରୋପଣ



କରାଯାଇପାରିବ। ଶ୍ରୀ ନିତ୍ୟାନନ୍ଦ କର ଦୀର୍ଘଦିନ ଧରି ଶେଷ ପର୍ଯ୍ୟାୟର କିଡନୀ ରୋଗରେ ପୀଡ଼ିତ ଥିଲେ ଏବଂ ସ୍ୱାଭାବିକ କିଡନୀ କାର୍ଯ୍ୟକ୍ଷମତା ଫେରାଇ ଆଣିବା ପାଇଁ କିଡନୀ ପ୍ରତ୍ୟାରୋପଣ ତାଙ୍କ ପାଇଁ ଅତ୍ୟାବଶ୍ୟକ ଥିଲା। ୬୬ ବର୍ଷ ବୟସ ହୋଇଥିବାରୁ ତାଙ୍କୁ ଉଚ୍ଚ ବିପଦପୂର୍ଣ୍ଣ ରୋଗୀ ଭାବେ ଦେଖାଯାଉଥିଲା। ତେବେ ସମ୍ପୂର୍ଣ୍ଣ ଚିକିତ୍ସା ପରୀକ୍ଷା ପରେ ତାଙ୍କୁ ପ୍ରତ୍ୟାରୋପଣ ପାଇଁ ଉପଯୁକ୍ତ ବୋଲି ଚିହ୍ନଟ କରାଯାଇଥିଲା। ଅସ୍ତ୍ରୋପଚାର ପରେ ପ୍ରତ୍ୟାରୋପିତ କିଡନୀ ତୁରନ୍ତ କାମ କରିବା ଆରମ୍ଭ କରିଥିଲା। ଶ୍ରୀ କରଙ୍କ ସ୍ୱାସ୍ଥ୍ୟରେ କ୍ରମାଗତ ସୁଧାର ଆସିବା ସହ କିଡନୀର କାର୍ଯ୍ୟକ୍ଷମତା ମଧ୍ୟ ସ୍ୱାଭାବିକ ହେବାକୁ ଲାଗିଥିଲା। ଏହି ସଫଳତା ସମ୍ପର୍କରେ ଡାକ୍ତର ମାନସ ରଞ୍ଜନ ପ୍ରଧାନ କହିଛନ୍ତି, "ଏହା ଏକ ଦୁର୍ଲଭ ଓ ଜଟିଳ କିଡନୀ ପ୍ରତ୍ୟାରୋପଣ ଥିଲା। ଦାତାଙ୍କ କିଡନୀରେ ଅସାଧାରଣ ଗଠନ ସହ ଏକ ଛୋଟ ପଥର ଥିଲା, ଅନ୍ୟପଟେ ଗ୍ରହୀତାଙ୍କ ବୟସ ୬୬ ବର୍ଷ ଥିଲା। କିନ୍ତୁ ସଠିକ୍ ଯୋଜନା, ଅଭିଜ୍ଞତା ଓ ନିଖୁଣ ଅସ୍ତ୍ରୋପଚାର ଯୋଗୁଁ ପ୍ରତ୍ୟାରୋପଣ ସଫଳ ହୋଇଥିଲା।

## 'ପ୍ୟାଡ ଚେ ଆଲର୍ଟ' ସହ ଅପ୍‌ଗ୍ରେଡେଡ ଷ୍ଟେଫ୍ରି ସିକ୍ୟୋର ଏକ୍ସଏଲ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୨୯।୭ (ନି.ପ୍ର) :** ଭାରତର ଅଗ୍ରଣୀ ମେନ୍‌ଷ୍ଟ୍ରୁଆଲ ହାଇଜିନ ବ୍ରାଣ୍ଡ, ଷ୍ଟେଫ୍ରି ଏହାର ଉନ୍ନତ ଅପ୍‌ଗ୍ରେଡେଡ ଷ୍ଟେଫ୍ରି ସିକ୍ୟୋର ଏକ୍ସଏଲର ଶୁଭାରମ୍ଭ କରାଯାଇଛି। ଷ୍ଟେଫ୍ରି ସିକ୍ୟୋର ଏକ୍ସଏଲ ଏହାର ଡବଲ ଲିକ୍ ଲକ୍ ଟେକ୍ନୋଲୋଜି କାରଣରୁ ୧୨ ଘଂଟା ପର୍ଯ୍ୟନ୍ତ ଦୁଇ ଗୁଣ ସୁରକ୍ଷା ଦେଇଥାଏ, ଯେଉଁଠାରେ ଏହାର ବାହ୍ୟ ପ୍ରତିବନ୍ଧକ ଏକ 'ପ୍ୟାଡ ଚେ ଆଲର୍ଟ' ଭଳି କାର୍ଯ୍ୟ କରିଥାଏ । ଏହି ଶୁଭାରମ୍ଭକୁ ଅଧିକ ବ୍ୟାପକ କରିବା ପାଇଁ ଷ୍ଟେଫ୍ରି ପକ୍ଷରୁ ଏକ ବିସ୍ତୃତ ମାର୍କେଟିଂ କ୍ୟାମ୍ପେନର ଶୁଭାରମ୍ଭ





କରାଯାଇଛି, ଯେଉଁଥିରେ ବଲିଉଡ ଅଭିନେତ୍ରୀ ଓ ବ୍ରାଣ୍ଡ ଆମ୍ବାସାଡର, କିଆରା ଆଡଭାନିଙ୍କ ଅଭିନୀତ ଏକ ଟେଲିଭିଜନ କମର୍ସିଆଲ ଅନ୍ତର୍ଭୁକ୍ତ ରହିଛି। ଏହା ବଲିଉଡର ଲୋକପ୍ରିୟ ନିର୍ଦ୍ଦେଶକ ସୁଜିତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଓମ୍ନିକମ (ମ୍ୟାଗ୍ନନ ଇଣ୍ଡିଆ) ଏହାର ପ୍ରଯୋଜନା ସଂସ୍ଥା ଅଟେ। ଏହି କ୍ୟାମ୍ପେନକୁ ଇନ୍‌ଫ୍ଲୁଏନ୍ସର ଆକ୍ଟିଭେଶନ ଦ୍ୱାରା ସମର୍ଥନ ଦିଆଯିବ ଏବଂ ଏହାକୁ ଡିଜିଟାଲ ଓ ଅନ୍-ଗ୍ରାଉଣ୍ଡ ଆକ୍ଟିଭେଶନ, ସାମ୍ପ୍ଲିଂ, ୱାଲ ପେଂଟିଙ୍ଗ ଆଦି ମାଧ୍ୟମରେ ପ୍ରଚାରପ୍ରସର କରାଯିବ।

ଏସମ୍ପର୍କରେ ଷ୍ଟେଫ୍ରି ଇଣ୍ଡିଆର ମାର୍କେଟିଂ ଡାଇରେକ୍ଟର ସୁପ୍ରିୟା ଶ୍ରୀନିବାସ କହିଛନ୍ତି, 'ଷ୍ଟେଫ୍ରି ସିକ୍ୟୋର ଏକ୍ସଏଲକୁ ମହିଳାଙ୍କର 'ପ୍ୟାଡ ପରିବର୍ତ୍ତନର ସମୟ କେବେ' ଭଳି ପ୍ରମୁଖ ଚିଂଟାକୁ ଦୂର କରିବା ପାଇଁ ଡିଜାଇନ କରାଯାଇଛି। ଏହାର 'ପ୍ୟାଡ ଚେ ଆଲର୍ଟ' ଫିଚର ସହିତ ଷ୍ଟେଫ୍ରି ସିକ୍ୟୋର ଏକ୍ସଏଲ ବ୍ରାଣ୍ଡର ପାଟେଂଟେଡ ଲିକ୍ ଲକ ଟେକ୍ନୋଲୋଜିର ବ୍ୟବହାର କରି ୧୨ ଘଂଟା ପର୍ଯ୍ୟନ୍ତ ଦୁଇଗୁଣ ସୁରକ୍ଷା ପ୍ରଦାନ କରିଥାଏ, ଯାହାଫଳରେ ମହିଳାମାନେ ନିଜ ଉପରେ ଓ ନିଜର ଦିନ ଉପରେ ଅଧିକ ଧ୍ୟାନ ଦେଇପାରିଥାନ୍ତି।

